


# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୨୦୧ ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ୍ ୦୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.201 Bhubaneswar, Tuesday, April 08, 2025


## ୨୨ରେ 'ସୁଭଦ୍ରା' କିସ୍ତି



ଭୁବନେଶ୍ୱର,୭/୪: ଏପ୍ରିଲ ୨୨ରେ ମିଳିବ 'ସୁଭଦ୍ରା' କିସ୍ତି । ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ପ୍ରଥମ କିସ୍ତିର ଷଷ୍ଠ ପର୍ଯ୍ୟାୟ ଟଙ୍କା ଦିଆଯିବ ବୋଲି ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଏପ୍ରିଲ ୨୨ ଓ ୨୩ ତାରିଖରେ ନୂତନ ଆବେଦନକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ । ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଭିତରୁ ଯେଉଁମାନେ ଯୋଗ୍ୟ ସେମାନେ ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ସହ ସେ କହିଛନ୍ତି ଯେ, ଏଇ ରବିବାର ସୁଦ୍ଧା ୧ ଲକ୍ଷ ୭୦ ହଜାର ନୂଆ ଆବେଦନ କରିଛନ୍ତି ।ସେହିପରି ସେ ଆହୁରି କହିଛନ୍ତି, ସୁଭଦ୍ରାକୁ ସହଜ କରିବା ପାଇଁ ସର୍ଭେ ହେବ । ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ତୃତୀୟ କିସ୍ତି ଦିଆଯିବ । ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ ବର୍ଷ ହୋଇଯାଇଥିବ ସେମାନଙ୍କ ପାଇଁ ପୁଣି ସୁଭଦ୍ରା ପୋର୍ଟାଲ ଓପନ୍ ହେବ । ତେବେ ପୂର୍ବରୁ ମାର୍ଚ୍ଚ ୩୧ ତାରିଖ ଆବେଦନର ଶେଷ ହେବ ବୋଲି କୁହାଯାଇଥିଲା । ରବିବାର ସୁଦ୍ଧା ଯାହା ରିପୋର୍ଟ ଆସିଛି ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ନୂଆ ଆବେଦନ ଆସିଛି । ଜିଲ୍ଲାୱାରୀ ସବୁ ଆବେଦନର ସର୍ଭେ କରାଯିବ । ଆସନ୍ତା ୨୨ ଏବଂ ୨୩ ତାରିଖରେ ଏହି ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଭିତରୁ ଯେଉଁମାନେ ଯୋଗ୍ୟ ସେମାନେ ସୁଭଦ୍ରା ଟଙ୍କା ପାଇବେ ବୋଲି ପ୍ରଭାତୀ ପରିଡ଼ା କହିଛନ୍ତି ।

## ପୁନର୍ଗଠନ ହେବ ଏସଏଚଜି



ଭୁବନେଶ୍ୱର,୭/୪: ଓଡ଼ିଶାରେ 'ମିସନ ଶକ୍ତି'ର ଢାଞ୍ଚା ବଦଳିବ। ଏନେଇ ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ପ୍ରତି ପରିବାରକୁ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ିବାକୁ କେନ୍ଦ୍ର ସରକାର କହିଥିଲେ। ହେଲେ ପୂର୍ବ ସରକାରରେ ବହୁତ ବଞ୍ଚିତ ରହିଛନ୍ତି ପରିବାର। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ମହିଳାଙ୍କୁ ବାହାର କରି ଦେଇଥିଲେ। ଏବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପ୍ରୟାସ କରି ସବୁ ଘରକୁ ଗ୍ରୁପ ସହ ଯୋଡ଼ିବାକୁ ଚେଷ୍ଟା ଆରମ୍ଭ ହୋଇଛି । ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟ ରଖି ଲୋକଙ୍କୁ ଗ୍ରୁପ ସହ ଯୋଡ଼ିଥିଲେ । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହୁରି କହିଛନ୍ତି, ଏବେ ସମସ୍ତେ ଜିପିଏଲର ନିର୍ବାଚନରେ ଭାଗ ନେବାର ସୁଯୋଗ ମିଳିବ। ପୂର୍ବରୁ ଯେଉଁମାନେ ସଭାପତି ଓ ସମ୍ପାଦକ ଅଛନ୍ତି, ସେମାନଙ୍କୁ ବାହାର କରି ନୂଆ ଲୋକ ହେବେ। ତା ଅର୍ଥ ତୃଣମୂଳ ସ୍ତରରେ ନେତୃତ୍ୱ ସୃଷ୍ଟି ପାଇଁ ଚେଷ୍ଟା ହେବ। ଚଳିତ ମାସରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁନଃ ସଂଗଠିତ କରାଯିବ । ଏହା ପର ମାସରେ ଜିପିଏଲଫ ଓ ସିଏଲଫ, ବିଏଲଏଫଙ୍କୁ ଜିଲ୍ଲା ସ୍ତର ଓ ରାଜ୍ୟସ୍ତରରେ ନୂଆ ନିଯୁକ୍ତି ଦିଆଯିବ । ଯେଉଁମାନେ ୨ ଥର ୪ବର୍ଷରୁ ଅଧିକ ରହି ସାରିଛନ୍ତି, ସେମାନେ ଆଉ ରହି ପାରିବେନି। ସେଥିପାଇଁ ରାଜ୍ୟରେ ଏସଏଚଜିଙ୍କ ରେଜିଷ୍ଟ୍ରେସନ ନାହିଁ। ବିନା ରେଜିଷ୍ଟ୍ରେସନରେ କୋଟି କୋଟି ଟଙ୍କା ଦିଆଯାଇଛି। ରେଜିଷ୍ଟ୍ରେସନ ନ ଥିବାରୁ ଅଡିଟ ନାହିଁ । ଯେଉଁଠି ରେଜିଷ୍ଟ୍ରେସନ ନାହିଁ ଓ ଅଡିଟ ନାହିଁ ତାର ଉଦ୍ଦେଶ୍ୟ କଣ ଜଣାପଡୁଛି । କିନ୍ତୁ ଏବେ ମହିଳାଙ୍କ ବିକାଶ ପାଇଁ କାମ କରିବେ ନୂଆ ସରକାର। ପାତର ଅନ୍ତର ହେବ ନାହିଁ ।

# ପାଣ୍ଡିଆନ୍‌ଙ୍କୁ ନେଇ ବିଜେଡି ଦୁଇଫାଳ

ଭୁବନେଶ୍ୱର,୭/୪: ୱାକଫ୍ ବିଲ ସପକ୍ଷରେ ସସ୍ମିତ ପାତ୍ରଙ୍କ ଭୋଟ ପରଠାରୁ ରାଜ୍ୟ ରାଜନୀତିରେ ଉଷ୍ମତା ବୃଦ୍ଧି ପାଇଛି। ବିଜେଡିରେ ଭିକେ ପାଣ୍ଡିଆନ୍‌ଙ୍କୁ ନେଇ ସପକ୍ଷବାଦୀ ଏବଂ ବିରୋଧି ଦୁଇ ଗୋଷ୍ଠୀ ଗଠନ ହୋଇଛି। ଫଳରେ ବିଜେଡି ଦୁଇଫାଳ ହୋଇଗଲା ଭଳି ସ୍ଥିତି ସୃଷ୍ଟି ହୋଇଛି। ଦଳରେ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି। ଏହା ପଛରେ ପାଣ୍ଡିଆନଙ୍କ ହାତ ଥାଇପାରେ ବୋଲି କିଛି ଜଣ ବ୍ୟକ୍ତି କହୁଥିବା ବେଳେ ସୋମବାର ନବୀନ ନିବାସରେ ପାଣ୍ଡିଆନ୍ ବିରୋଧୀ ସ୍ଲୋଗାନ୍ ଦିଆଯାଇଥିଲା। ନବୀନ ନିବାସରେ ମୁନାଙ୍କ ସମର୍ଥକମାନେ ପାଣ୍ଡିଆନ ଗୋ ବ୍ୟାକ୍ ସ୍ଲୋଗାନ୍ ସହିତ ପାଣ୍ଡିଆନ୍ ହଟାଅ, ବିଜେଡି ବଞ୍ଚାଅ ନାରାବାଜି ଦେଇଥିଲେ । ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ପାଣ୍ଡିଆନ୍‌ଙ୍କୁ ଅଯଥାରେ ଏହି ପ୍ରସଙ୍ଗକୁ ଟଣା ଯାଉଛି। ନିରଞ୍ଜନ ବିଶି କହିଛନ୍ତି ପାଣ୍ଡିଆନ୍‌ଙ୍କୁ ଅଯଥାରେ ବଦନାମ କରାଯାଉଛି। ମୁଁ ଦେବାଶିଷ ସାମନ୍ତରାୟଙ୍କ ମନ୍ତବ୍ୟକୁ ନିନ୍ଦା କରୁଛି । କିଛି ଅଭିସନ୍ଧି ରଖି ଦେବାଶିଷ ଏପରି କହିଥିବା ସେ ଅଭିଯୋଗ କରିଛନ୍ତି। ସେହିଭଳି ମାନସ ମଙ୍ଗରାଜ ଦେବାଶିଷଙ୍କ ମନ୍ତବ୍ୟକୁ ମଧ୍ୟ ନିନ୍ଦା କରି କହିଛନ୍ତି, ରାଜନୀତିରୁ ୧୦ ମାସ ହେଲା ପାଣ୍ଡିଆନ୍ ଅବସର ନେଇ ସାରିଛନ୍ତି । ନିଜର କିଛି ନ୍ୟସ୍ତ ସ୍ୱାର୍ଥ୍ୟ କାରଣରୁ ଦେବାଶିଷ ଏପରି କହିଥିବା ମାନସ ମଙ୍ଗରାଜ କହିଛନ୍ତି । ଅନ୍ୟପଟେ ସୁଲତା ଦେଓ କହିଛନ୍ତି, ପାଣ୍ଡିଆନଙ୍କ ଉପରେ ଦେବାଶିଷ ସାମନ୍ତରାୟଙ୍କ ଶତ୍ରୁତା ରହିଥିଲା । ନବୀନ ନିବାସରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବାରୁ ନିବୃତ୍ତ ରୁହନ୍ତୁ ବୋଲି ସେ କହିଛନ୍ତି । ପୂର୍ବରୁ ଦେବାଶିଷ ସାମନ୍ତରାୟ ନାଁ ନନେଇ ଭିକେ ପାଣ୍ଡିଆନଙ୍କ ଆଡ଼କୁ ଇଙ୍ଗିତ କରିଥିଲେ । ମୁଖ୍ୟ ପରାମର୍ଶଦାତା ରାଜନୀତିରେ ନଥାଇ ରାଜନୀତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିବା ସେ କହିଥିଲେ। ୱାକଫ୍ ବିଲ୍ ନେଇ ବଡ଼ ଡିଲ ହୋଇଥିବା ଅଭିଯୋଗ ଆଣିଥିଲେ।



## ଏପ୍ରିଲ ୧୧ରୁ ଓଡ଼ିଶାରେ ବଣ୍ଟନ ହେବ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ


ଭୁବନେଶ୍ୱର,୭/୪: ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରୁ ଓଡ଼ିଶାର ଲୋକମାନେ ଉପକୃତ ହେବେ। ଉଭୟ କାର୍ଡ ଏକକାଳୀନ ଏପ୍ରିଲ ୧୧ ତାରିଖରେ ମିଳିତ ଭାବରେ କାର୍ଯ୍ୟକ୍ଷମ ହେବ। ଶୁଭାରମ୍ଭ ପରେ, ସେହି ଦିନଠାରୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବ ବୋଲି ସୋମବାର ସରକାରୀ ସୂତ୍ରରୁ ସୂଚନା ମିଳିଛି। ଏହି ନୂତନ ପଦକ୍ଷେପର ମୂଳ ହେଉଛି ସ୍ୱାସ୍ଥ୍ୟ ସୁବିଧା କାର୍ଡ ବଣ୍ଟନ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ରାଜ୍ୟସ୍ତରୀୟ ଶୁଭାରମ୍ଭ ଉତ୍ସବରେ ଏହି ସ୍ୱାସ୍ଥ୍ୟ ଯୋଜନାଗୁଡ଼ିକର ଆନୁଷ୍ଠାନିକ ଆରମ୍ଭ ତଦାରଖ କରିବେ ବୋଲି ଆଶା କରାଯାଉଛି। ରାଜ୍ୟର ସମସ୍ତ ୧,୪୦୫ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ରେ ଏହି କାର୍ଡ ବଣ୍ଟନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଶୁଭାରମ୍ଭ ହେବା ପରେ, ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରହିବ। ସାଧାରଣ ସେବା କେନ୍ଦ୍ର (ସିଏସସି)ରୁ ଭ୍ରମଣକାରୀ ସ୍ୱାସ୍ଥ୍ୟ କର୍ମୀ ଏବଂ ସେବା ପ୍ରଦାନକାରୀମାନେ ପ୍ରତ୍ୟେକ ଗାଁରେ ପହଞ୍ଚି ଗ୍ରାମବାସୀମାନେ ସେମାନଙ୍କର କାର୍ଡ ପାଇଥିବା ନିଶ୍ଚିତ କରିବେ। ପୂର୍ବରୁ ଥିବା ଯୋଜନା ଅନୁଯାୟୀ ପଞ୍ଜିକୃତ ହିତାଧିକାରୀମାନଙ୍କୁ ନୂତନ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଯିବ। ଯେପର୍ଯ୍ୟନ୍ତ ହିତାଧିକାରୀମାନେ ସେମାନଙ୍କର ନୂତନ କାର୍ଡ ପାଇନାହାନ୍ତି, ସେପର୍ଯ୍ୟନ୍ତ ସେମାନେ ସେମାନଙ୍କର ବର୍ତ୍ତମାନର କାର୍ଡ ନମ୍ବର ବ୍ୟବହାର କରି କିମ୍ବା ସେମାନଙ୍କର ଆଧାର ନମ୍ବର ମାଧ୍ୟମରେ ଚିକିତ୍ସା ସେବା ପାଇପାରିବେ। ସ୍ୱାସ୍ଥ୍ୟ ବିଭାଗ ଏହି ପରିବର୍ତ୍ତନ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ ଅଭିଯାନର ନେତୃତ୍ୱ ନେବ, ଯାହା ଏକ ସୁଗମ ଏବଂ ସୂଚନାପ୍ରଦ ପରିବର୍ତ୍ତନ ସୁନିଶ୍ଚିତ କରିବ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ-ଜେଏୱାଇ) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବରେ ଏପ୍ରିଲ ୧୧ ରୁ ଆରମ୍ଭ ହେବ ଏବଂ କାର୍ଡ ବଣ୍ଟନ ମଧ୍ୟ ଆରମ୍ଭ ହେବ। ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଯାଉଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ (ଜେପି ନଡ୍ଡା) ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆରମ୍ଭ କରିବେ ବୋଲି ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତି ଏସ୍ ସୂଚନା ପ୍ରଦାନ କରିଛନ୍ତି। ସମସ୍ତ ପୂର୍ବରୁ ଥିବା ହିତାଧିକାରୀମାନେ ନୂତନ କାର୍ଡ ପାଇବେ। ତଥାପି, ହିତାଧିକାରୀମାନେ ସେମାନଙ୍କର ନୂତନ କାର୍ଡ ପାଇବା ପର୍ଯ୍ୟନ୍ତ ସେମାନଙ୍କର ବର୍ତ୍ତମାନର କାର୍ଡ ନମ୍ବର କିମ୍ବା ଆଧାର ନମ୍ବର ବ୍ୟବହାର କରି ଚିକିତ୍ସା ସେବା ପାଇପାରିବେ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

## ଝାରସୁଗୁଡା ୪୧ ଡିଗ୍ରିରେ ଭାଜିହେଲା
### ଭୁବନେଶ୍ୱର-କଟକର ତାପମାତ୍ରା ୩୮ ଡିଗ୍ରି

ଭୁବନେଶ୍ୱର,୭/୪: ପଶ୍ଚିମ ଓଡ଼ିଶାର ଝାରସୁଗୁଡା ସହରରେ ସୋମବାର ରାଜ୍ୟର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୪୧ ଡିଗ୍ରି ସେଲସିୟସରେ ପହଞ୍ଚିଛି। ପଶ୍ଚିମ ଓଡ଼ିଶାର ଅନ୍ୟାନ୍ୟ ସହର ସମ୍ବଲପୁର, ରାଉରକେଲା ଏବଂ ହୀରାକୁଦ ଅଞ୍ଚଳରେ ତାପମାତ୍ରା ୩୮ ଡିଗ୍ରି ସେଲସିୟସ୍ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ଏବଂ କଟକରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପାଣିପାଗ ବିଭାଗ ଅନୁଯାୟୀ, ଝାରସୁଗୁଡ଼ାରେ ତାପମାତ୍ରା ୪୧ ଡିଗ୍ରି ସେଲସିୟସ୍ ଥିବାବେଳେ ସମ୍ବଲପୁରରେ ୩୯.୮ ଡିଗ୍ରି ସେଲସିୟସ୍, ରାଉରକେଲାରେ ୩୯ ଡିଗ୍ରି ସେଲସିୟସ୍ ଏବଂ ହୀରାକୁଦରେ ୩୮.୮ ଡିଗ୍ରି ସେଲସିୟସ୍ ରେକର୍ଡ କରାଯାଇଛି। ସୋମବାର ଅପରାହ୍ଣ ୨:୩୦ ସୁଦ୍ଧା ତାପମାତ୍ରା ରେକର୍ଡ କରାଯାଇଛି। ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ ଆଗାମୀ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ତାପମାତ୍ରା (ଦିନର ତାପମାତ୍ରା)ରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବ ନାହିଁ। ଓଡ଼ିଶାର ଜିଲ୍ଲାଗୁଡ଼ିକରେ ୨-୩ ଡିଗ୍ରି ସେଲସିୟସ୍ ହ୍ରାସ ପାଇବାର ସମ୍ଭାବନା ରହିଛି।

# ଭାରତୀୟ ସେୟାର ବଜାରରେ ଭୂକମ୍ପ

ମୁମ୍ବାଇ,୭/୪: ଯାହା ଭୟ ଥିଲା, ତାହା ଘଟିଲା। ଏପ୍ରିଲ ୭ ତାରିଖରେ, ଷ୍ଟକ୍ ବଜାର ସେହି ବିପର୍ଯ୍ୟୟର ସମ୍ମୁଖୀନ ହେଲା ଯାହା ପୂର୍ବରୁ ଆଶା କରାଯାଉଥିଲା। ସୋମବାର, ଏପ୍ରିଲ ୭ ତାରିଖରେ, ସେନସେକ୍ସ ବର୍ଷର ସବୁଠାରୁ ବଡ଼ ହ୍ରାସ ଦେଖିଲା। ବଜାର ଖୋଲିବା ପୂର୍ବରୁ ସେନସେକ୍ସ ୪୦୦୦ ପଏଣ୍ଟ ହ୍ରାସ ପାଇଥିବା ବେଳେ ଆଜି କାରବାର ଆରମ୍ଭ ସମୟରେ ଏହା ୩ ହଜାର ପଏଣ୍ଟ ହ୍ରାସ ପାଇଥିଲା। ସେନସେକ୍ସରେ ଏହି ହ୍ରାସ ସହିତ, ନିବେଶକମାନେ ମାତ୍ର ୧୦ ସେକେଣ୍ଡରେ ୧୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଏବେ ପ୍ରଶ୍ନ ଉଠେ, ଏହି ହ୍ରାସ କାହିଁକି ଘଟିଲା ? ହ୍ରାସର ପ୍ରଭାବ କ'ଣ ହେବ ? ଏହି ହ୍ରାସ କେତେ ଦିନ ରହିବ ? ଷ୍ଟକ୍ ବଜାରରେ ଏହି ବିପର୍ଯ୍ୟୟ ପଛରେ ସବୁଠାରୁ ବଡ଼ କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ । ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ସାରା ବିଶ୍ୱର ବଜାରରେ ଆତଙ୍କ ସୃଷ୍ଟି କରିଛି। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ, ଏବେ ମାନ୍ଦାବସ୍ଥାର ଆଶଙ୍କା ଦେଖାଦେଇଛି। ଟ୍ରମ୍ପଙ୍କ ନୂତନ ଟାରିଫ୍ ଆଶାଠାରୁ ଅଧିକ ରହିଛି, ଯେଉଁଥି ପାଇଁ ମୁଦ୍ରାସ୍ଫୀତି ଏବଂ ବିକାଶ ଉଭୟ ପ୍ରତିକୂଳ ପ୍ରଭାବିତ ହେବାକୁ ଯାଉଛି। ଏହା ମୁଦ୍ରାସ୍ଫୀତି ଏବଂ ବେକାରୀ ବୃଦ୍ଧି କରିବ। ଏହି ଭୟ ଯୋଗୁଁ, ସାରା ବିଶ୍ୱରେ ସେୟାର ବଜାରରେ ଏକ ବଡ଼ ହ୍ରାସ ଘଟିଛି। ଟ୍ରମ୍ପଙ୍କ ନୂତନ ଶୁଳ୍କ ଘୋଷଣା ପରେ, ଚୀନ୍ ଏବଂ କାନାଡା ମଧ୍ୟ ଶୁଳ୍କ ଘୋଷଣା କରିଛନ୍ତି। ଚୀନ୍ ଆମେରିକାର ଆମଦାନୀ ଉପରେ ଶୁଳ୍କ ୩୪ ପ୍ରତିଶତକୁ ବୃଦ୍ଧି କରିଛି। ଶୁଳ୍କ ଏବଂ ପ୍ରତିଶୁଳ୍କର ଏହି ଦୌଡ଼ ବିଶ୍ୱ ବାଣିଜ୍ୟ ଯୁଦ୍ଧର ଭୟକୁ ବଢ଼ାଇ ଦେଇଛି। ନିବେଶକମାନେ ଏହାକୁ ନେଇ ଚିନ୍ତିତ। ଏହି ଅନିଶ୍ଚିତତା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିପାରେ ବୋଲି ଆଶଙ୍କା ରହିଛି, ଯାହା ବିଶ୍ୱ ଅଭିବୃଦ୍ଧିକୁ ପ୍ରଭାବିତ କରିବ। ଚୀନ୍-ଆମେରିକା ବାଣିଜ୍ୟ ଯୁଦ୍ଧ ଏବଂ ଚୀନ୍ ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ଉତ୍ତେଜନା ଯୋଗୁଁ ବିଶ୍ୱ ବଜାରରେ ଉତ୍ତେଜନାର ପରିସ୍ଥିତି ସୃଷ୍ଟି ହୋଇଛି, ଯାହାର ପ୍ରଭାବ ବଜାର ଉପରେ ଦେଖାଯାଉଛି। ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ, ଆମେରିକୀୟ ମୁଦ୍ରା ଡଲାର ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଡଲାର ଇଣ୍ଡେକ୍ସ ୦.୪ ପ୍ରତିଶତ ହ୍ରାସ ପାଇ ୧୦୨.୪୮ରେ ପହଞ୍ଚିଛି। ଡଲାର ୟେନ୍ ତୁଳନାରେ ୧.୩ ପ୍ରତିଶତ ହ୍ରାସ ପାଇ ୬ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଯାହାର ପ୍ରଭାବ ସେୟାର ବଜାର ଉପରେ ପଡ଼ିଛି। ଏହା ବ୍ୟତୀତ, ଆମେରିକାରେ ମାନ୍ଦାବସ୍ଥାର ଭୟ ଯୋଗୁଁ ଟ୍ରେଜେରୀ ବଣ୍ଡର ଲାଭ ହ୍ରାସ ପାଇଛି। ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ, ବିଶ୍ୱ ମାନ୍ଦାବସ୍ଥାର ଭୟ ରହିଛି। ବିଶ୍ୱ ମାନ୍ଦାବସ୍ଥାର ଭୟ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଛି। ବ୍ରେଣ୍ଟ ଅଶୋଧିତ ତୈଳ ୩.୧୬ ପ୍ରତିଶତ ହ୍ରାସ ପାଇ ୬୩.୫୧ ଡଲାର ପ୍ରତି ବ୍ୟାରେଲକୁ ପହଞ୍ଚିଛି, ଯେତେବେଳେ ଡବ୍ଲ୍ୟୁଟିଆଇ ଅଶୋଧିତ ତୈଳ ୫୯.୮୫ ଡଲାରରେ ପହଞ୍ଚିଛି। ବିଶ୍ୱ ବଜାରରେ ଶୁଳ୍କକୁ ନେଇ ବଢୁଥିବା ଉତ୍ତେଜନା ଏବଂ ମାନ୍ଦାବସ୍ଥାର ଭୟ ଯୋଗୁଁ ଭାରତୀୟ ବଜାର ମଧ୍ୟ ଖରାପ ଭାବରେ କ୍ଷତିଗ୍ରସ୍ତ ହେଉଛି।




# ମହାସଙ୍କଟର ସାମ୍ନା କରୁଛି ବିଜେଡି

ଭୁବନେଶ୍ୱର,୭/୪: ମହାସଙ୍କଟର ସାମ୍ନା କରୁଛି ବିଜେଡି ! 'ୱାକଫ' ପ୍ରସଙ୍ଗରେ 'ବିବେକ' ନିଷ୍ପତ୍ତି ନେଇ ନା କେନ୍ଦ୍ରକୁ ଖୁସି କରିପାରିଲା ନା ନିଜ ଦଳର ନେତା ଓ ନେତୃତ୍ୱଙ୍କୁ । ଦଳ ଭିତରେ, ବାହାରେ, ବିରୋଧୀ, ସମାଲୋଚକ, ସମୀକ୍ଷକ ଗୋଟାକପରେ ଗୋଟିଏ ପ୍ରଶ୍ନବାଣ ମାରିବାରେ ଲାଗିଛନ୍ତି । ଦିନେ ଯେଉଁ ନେତା ମନ୍ତ୍ରୀ, ବିଧାୟକ, ସାଂସଦ 'ସୁପ୍ରିମୋଙ୍କ ନିର୍ଦ୍ଦେଶ' କହିଲେ ସବୁ ମାନିଯାଉଥିଲେ ଏବେ ଖୋଲାଖୋଲି ଅସନ୍ତୋଷ ଝାଡିଲେଣି । ବରିଷ୍ଠ ନେତାମାନଙ୍କର ବିସ୍ଫୋରକ ବୟାନ; ବିଦ୍ରୋହ ଓ ବିଭାଜନର ବାରୁଦ ମୁହଁରେ ଆଣି ଦଳକୁ ଠିଆ କରିଛି । ଜୋରଦାର ହୋହଲା, ହଙ୍ଗାମା ଭିତରେ ଲୋକସଭା ଓ ରାଜ୍ୟସଭାରେ ପାରିତ ୱାକଫ ସଂଶୋଧନ ବିଲ (ଉମ୍ମିଦ) ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଆଇନରେ ପରିଣତ ହୋଇଗଲାଣି । ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକାଧିକ ମାମଲା ଦାଏର ହେବାରେ ଲାଗିଛି । ଦେଶର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଦେଖାଦେଇଛି । ବିଲ୍ ସମର୍ଥନରେ ଥିବା ଅନେକ ରାଜନୈତିକ ଦଳକୁ ବହୁ ବିବାଦର ସାମ୍ନା କରିବାକୁ ପଡିଛି ! ବିହାର ମୁଖ୍ୟମନ୍ତ୍ରୀ ନିତିଶ କୁମାରଙ୍କ ନେତୃତ୍ୱାଧିନ ଜେଡିୟୁରୁ ୫ ଜଣ ନେତା ଇସ୍ତଫା ଦେଲେଣି । ତାମିଲନାଡୁରେ ସୁପରଷ୍ଟାର ବିଜୟଙ୍କ ଟିଭିକେ ଦଳ ୱାକଫ ସଂଶୋଧନ ବିଲ ବିରୋଧରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଛି । ତେବେ ଓଡିଶାରେ ମୁଖ୍ୟ ବିରୋଧୀଦଳ ଦାୟିତ୍ୱରେ ଥିବା ବିଜେଡି ଏହି ବିଲକୁ ବିରୋଧ କରି ଆସୁଥିବାବେଳେ ଅଚାନକ ଶେଷ ମୁହୂର୍ତ୍ତରେ ମତ ବଦଳାଇ ଦଳ ବିବାଦ, ବିଦ୍ରୋହ ଓ ବ୍ୟାପକ ପ୍ରଶ୍ନର ସମ୍ମୁଖିନ ହୋଇଛି । ବିଜେଡିର ବରିଷ୍ଠନେତା ପ୍ରଫୁଲ୍ଲ ସାମଲ, ବଦ୍ରି ପାତ୍ର, ପ୍ରତାପ ଜେନା, ପ୍ରଭାତ ତ୍ରିପାଠୀ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ଷଡଯନ୍ତ୍ର ହୋଇଥିବା ଦର୍ଶାଇ ଶ୍ରୀ ଜେନା ଓ ଶ୍ରୀ ସାମଲ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସସ୍ମିତ ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି । ବିଜେଡ଼ି ଏକ ଧର୍ମନିରପେକ୍ଷ ଦଳ ଓ ସଂଶୋଧିତ ବିଲରେ ସିଧାସଳଖ ସଂଖ୍ୟାଲଘୁମାନଙ୍କ ଅଧିକାର ଉପରେ ହସ୍ତକ୍ଷେପ କରାଯାଇଥିବାରୁ ଦଳ ଏହାକୁ ବିରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ଶେଷ ମୁହୂର୍ତ୍ତରେ ରାଜ୍ୟସଭାରେ ବିଜେଡ଼ିର ନେତା ହୋଇଥିବା ସାଂସଦ ସସ୍ମିତ ପାତ୍ର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦର୍ଶାଇଲେ, ରାଜ୍ୟସଭାରେ ଭୋଟିଂ ବେଳେ ଏହି ବିଲ୍ ?କୁ ବିରୋଧ ନ କରି ବିବେକ ଅନୁସାରେ ଭୋଟ୍ ଦେବାକୁ ନିଷ୍ପତ୍ତି ହୋଇଛି । ବିଜେଡି ପକ୍ଷରୁ ଏନେଇ କୌଣସି ହ୍ୱିପ୍ ଜାରି ହୋଇ ନାହିଁ । ତେବେ ସେ ଏଭଳି ନିଷ୍ପତ୍ତି ନେଲେ କାହିଁକି ? ଏହା ପଛରେ କିଏ ଅଛନ୍ତି ଓ କଣ ତାଙ୍କ ଉଦ୍ଦେଶ୍ୟ ? ସେପଟେ ସାଂସଦ ଦେବାଶିଷ ସାମନ୍ତରାୟଙ୍କ ବିସ୍ଫୋରକ ବୟାନ ଦଳକୁ ଆହୁରି ଅଡୁଆରେ ପକାଇଦେଇଛି । ଭିକେ ପାଣ୍ଡିଆନଙ୍କୁ ଇଙ୍ଗିତ କରି ତାଙ୍କ ନା ନନେଇ କହିଲେ, ପରାମର୍ଶଦାତାଙ୍କ ନିର୍ଦ୍ଦେଶରେ ଏଭଳି ହୋଇଛି ଯାହା ଦଳ ପକ୍ଷେ ହିତକର ନୁହେଁ । ବିଜେପି ସହିତ ଡିଲ ହୋଇଥିବା ଶ୍ରୀ ସାମନ୍ତରାୟ ଗଣମାଧ୍ୟମକୁ ପ୍ରତିକ୍ରିୟାରେ ଜଣାଇଛନ୍ତି । ତେବେ କିଭଳି ଡିଲ ହୋଇଛି ? କିଏ କହୁଛି ଇଡି ସିବିଆଇ ଭୟ ପାଇଁ ଦଳକୁ ଏଭଳି ନିଷ୍ପତ୍ତି ନେବାକୁ ପଡୁଛି । ଆଉ କିଏ କହୁଛି ଦଳର ନବକଳେବର ହେବ । ନିକଟରେ ଚାକିରି ଛାଡିଥିବା ସୁଜାତା ଆର୍ କାର୍ତ୍ତିକେୟନ ବିଜେଡିର ନେତୃତ୍ୱ ନେବେ ବୋଲି ଚର୍ଚ୍ଚା ହେଉଥିଲା । ଏହାକୁ ଚରିତାର୍ଥ କରିବାକୁ ଏଭଳି ସ୍ଥିତିର 'ପ୍ରାୟୋଜନ' ବୋଲି ଚର୍ଚ୍ଚା ହେଉଛି । ବିରୋଧୀଙ୍କ ଚାପ ପରେ ପାଣ୍ଡିଆନ୍ ଚାକିରିରୁ ଅବସର ନେଇ ପ୍ରତ୍ୟକ୍ଷ ରାଜନୀତିରେ ଯୋଗ ଦେଇଥିଲେ । ୨୦୨୪ ନିର୍ବାଚନର ଚେହେରା ଭାବରେ ସବୁ ଦାୟିତ୍ୱ ନେଲେ । ତାଙ୍କୁ ଟାର୍ଗେଟ କରି ଓଡିଆ ଅସ୍ମିତା ପ୍ରସଙ୍ଗ ଉଠିଲା । ହେଲେ ତାଙ୍କ ପରେ ଶ୍ରୀମତୀ ପାଣ୍ଡିଆନ ଓଡିଆ ଝିଅ ଭାବେ ନବୀନ ସରକାରରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରମୁଖ ଚେହେରା ଥିଲେ । ତେଣୁ ସେ ଅବସର ନେବା ପରେ ଦଳର ନେତୃତ୍ୱ ନେବାରେ ଅସ୍ମିତା ପ୍ରସଙ୍ଗ ହେବ ନାହିଁ । ତାଙ୍କୁ ଦଳାଭିଷେକ କରିବାର ବ୍ୟବସ୍ଥା ହେଉଥିବା ଚର୍ଚ୍ଚାରେ ରହିଛି । ଏହା ପଛରେ ବିଜେପିର ସମର୍ଥନ ମଧ୍ୟ ବେଶ୍ ଆଲୋଚନା ହେଉଛି । କାରଣ ଶ୍ରୀମତୀ କାର୍ତ୍ତିକେୟନ ୧୩ ମାର୍ଚ୍ଚରେ ସ୍ୱେଚ୍ଛାକୃତ ଅବସର ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିଥିଲେ । ୨୭ ମାର୍ଚ୍ଚରେ ଆବେଦନ କେନ୍ଦ୍ରକୁ ଗଲା ଆଉ ୨୮ ତାରିଖ ଅର୍ଥାତ ମାତ୍ର ୨୪ ଘଂଟାରେ ମଂଜୁରୀ ମିଳିଲା । ତେବେ ୧୩ରୁ ୨୭ ତାରିଖ ରାଜ୍ୟ ସରକାରଙ୍କ ନିକଟରେ ଏହି ଆବେଦନପତ୍ର ଥିବା ସତ୍ୱେ କେହି ଟେର୍ ପାଇଲେନି ? ଶ୍ରୀ ପାଣ୍ଡିଆନଙ୍କ ଭିଆରଏସ୍ ବେଳେ ସିନା ବିଜେଡି ସରକାର ଥିଲା, ବର୍ତ୍ତମାନ ତ ବିଜେପି ସରକାର ଅଛି । ଏଭଳି କି ବସ୍ତା ବିଧାୟିକା ବିଧାନସଭାରେ କେଉଁ ଆଇପିଏସ୍, ଆଇଏଏସ୍ ସ୍ୱେଚ୍ଛାକୃତ ଅବସରପାଇଁ ଆବେଦନ କରିଛନ୍ତି କି ବୋଲି ୨୪ ମାର୍ଚ୍ଚରେ ପ୍ରଶ୍ନ କରିଥିଲେ ତାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏକଥା ଦର୍ଶାଇନଥିଲେ । ଯଦିଓ ୧୩ ମାର୍ଚ୍ଚରୁ ଆବେଦନ ହୋଇଥିଲା । ପୂରା ଘଟଣାକ୍ରମକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବିଜେଡି ଏଭଳି ଏକ ଦଳ ଯାହା ଦେଶ ଇତିହାସରେ ବିରଳ ! ୨୦୦୦ରୁ ୨୦୦୯ ବିଜେପି ସହିତ ମିଶି ସରକାର ଗଠନ କଲା । କନ୍ଧମାଳ ଦଙ୍ଗାପରେ ବିଜେପିଠାରୁ ସମ୍ପର୍କ ତୁଟାଇ ଏକାକୀ ସରକାର କଲା । କିନ୍ତୁ ୨୦୧୪ରେ କେନ୍ଦ୍ରରେ ବିଜେପି ସରକାର ଗଠନ ହେବା ପରେ ପ୍ରାୟ ସମସ୍ତ ବିଲ୍ ?କୁ ବରାବର ସମର୍ଥନ ଦେଲା । ତିନି କୃଷି ଆଇନ ବିରୋଧରେ ଦେଶବ୍ୟାପୀ ବ୍ୟାପକ ଆନ୍ଦୋଳନ ସତ୍ୱେ ଦଳ ଉଭୟ ଗୃହରେ ବିଲ୍ ସପକ୍ଷରେ ସମର୍ଥନ ଦେଲା । ଯେଉଁ ବିଲକୁ ପରବର୍ତ୍ତି ସମୟରେ କେନ୍ଦ୍ର ପ୍ରତ୍ୟାହାର କରିନେଇଥିଲେ । ଏଭଳି କି ବିଜେପି ରାଜ୍ୟସଭା ପ୍ରାର୍ଥୀଙ୍କୁ ନିଜ ଦଳର ପ୍ରାର୍ଥୀ ଭାବରେ ଦୁଇ ଦୁଇଥର ସମର୍ଥନ ଜଣାଇ ସଂସଦକୁ ପଠାଇବା ଘଟଣା ଅନେକଙ୍କୁ ବିସ୍ମିତ କରିଥିଲା । ୨୦୨୪ ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ଶାସକ ଦଳ ବିଜେଡି ଓ ରାଜ୍ୟରେ ବିରୋଧୀ ଦଳ ବଜେପି ସହିତ ମେଂଟ ଚର୍ଚ୍ଚା ଚାଲିଲା । ନିର୍ବାଚନରେ ପରାଜୟ ପରେ ନୀତିଗତ ଭାବରେ ବିରୋଧୀଦଳର ଭୂମିକା ନିର୍ବାହ କରୁଥିବା ପରିଚୟ ସୃଷ୍ଟି କଲା ବିଜେଡି । ନିର୍ବାଚନମଣ୍ଡଳୀ ସୀମାନିର୍ଦ୍ଧାରଣ ପ୍ରସଙ୍ଗରେ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ବୈଠକରେ ଯୋଗଦେଇ ଦଳ ପ୍ରମାଣ ଦେଲା ଯେ ବିଜେପି ବିରୋଧରେ ଦଳ କଡା ଆଭିମୂଖ୍ୟ ଗ୍ରହଣ କରିଛି । ତେବେ ୱାକଫ ବିଲ କ୍ଷେତ୍ରରେ ଅନ୍ତିମ ପର୍ଯ୍ୟାୟରେ ମତ ବଦଳାଇବା ଘଟଣା ଦଳପାଇଁ ସଙ୍କଟଜନକ ସ୍ଥିତି ସୃଷ୍ଟି କରିଛି । ଏହା ଆଗକୁ କି ମୋଡ ନେଉଛି ତାହା ସମୟ କହିବ ।

# ଶ୍ରୀ ଶ୍ରୀ ନବଗ୍ରହ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର ୭/୪(ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ମାଲୁସାହି ରେ ଅବସ୍ଥିତ ଶ୍ରୀ ଶ୍ରୀ ନବଗ୍ରହଙ୍କ ମନ୍ଦିର ର ବାର୍ଷିକ ଉତ୍ସବ ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୩ ତାରିଖ ରବିବାର ସକାଳ ୧୦୮ କଳସ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହିତ ମନ୍ଦିର ରେ ପହଞ୍ଚିଥିଲେ। ଦିନରେ ନାରାୟଣଙ୍କ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରଦିନ ୨୪ ତାରିଖ ସୋମବାର ଦିନ ମନ୍ଦିର ର ସମସ୍ତ ବିଧି ସହିତ ଯଜ୍ଞ କାର୍ଯ୍ୟ ହେବା ସହିତ ସଂଧ୍ୟାରେ ପୂର୍ଣ୍ଣାହୁତି ଶତାଧିକ ଭକ୍ତଙ୍କ ସମାଗମରେ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ ଉକ୍ତ ନବଗ୍ରହ ମନ୍ଦିର ର ବାର୍ଷିକ ଉତ୍ସବ ଦୀର୍ଘ ୧୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଅଛି। ଏଠାକୁ ଦୂର ଦୂରାନ୍ତରୁ ଅନେକ ଭକ୍ତ ଗ୍ରହ ଶାନ୍ତି କରିବା ପାଇଁ ଆସିଥାନ୍ତି। ନବଗ୍ରହଙ୍କ ଅପାର କରୁଣାରୁ ସମସ୍ତ ଭକ୍ତଙ୍କ ଦୁଃଖ ଦୂର ହୋଇଥାଏ ବୋଲି ଉକ୍ତ ମନ୍ଦିରର ପୂଜକ ସୂଚନା ଦେଇଛନ୍ତି। ପୂର୍ଣ୍ଣାହୁତି ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବୋରପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲାଞ୍ଜିଗଡ ୭/୪(ନି.ପ୍ର):କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅଧିନସ୍ଥ ପାହାଡ ପଦର ପଞ୍ଚାୟତ ବୋରପଦର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ସୌଦାଗର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାହାଡ ପଦର ଗ୍ରାମ ପଞ୍ଚାୟତ ସରପଞ୍ଚ ଲକ୍ଷ୍ମଣ ମାଝୀ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଲାଞ୍ଜିଗଡ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢ଼ଳଦେବ ମୁଣ୍ଡ ,ସମ୍ମାନିତ ଅତିଥି ଭାବେ ମାଳିଯୁବାଙ୍ଗ କ୍ଲଷ୍ଟର ସଂଯୋଜକ ଘାସିରାମ ମାଝୀ ଯୋଗଦେଇଥିଲେ । ସେହିପରି ପାହାଡ ପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଳିଦାସ ବାଗ , ସ୍କୁଲ ପରିଚାଳନା କମିଟି ସଭାପତି ବୈଦ୍ୟନାଥ ହରିଜନ ,





ଲୋକନାଥ ମାଝୀ ସାମ୍ବାଦିକ ତୁଳସୀ ରାମ ପ୍ରଧାନୀ, ସୁଶାନ୍ତ ମାଝୀ, ମନୋଜ ଦୋରା, ଦେବାନନ୍ଦ ମାଝୀ, ଦିଲ୍ଲୀପ ନାଏକ ପ୍ରମୁଖ ମଞ୍ଚରେ ମଞ୍ଚାସୀନ ରହି ଛାତ୍ର ଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତି ଯୋଗିତାରେ କୃତିକାର୍ଯ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଜଙ୍ଗଲ ସୁରକ୍ଷା, ଗଣଦୁଷ୍କର୍ମ ,ପରିବେଶ ସଚେତନତା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଷିତ ହୋଇଥିଲା। ଶିକ୍ଷକ ପରମେଶ୍ୱର ନାଏକ,ଦାମୋଦର ସାମଲ, ତାପସ ନାଏକ, ହେମନ୍ତ ଦୋରା,ନୀଳାମ୍ବର ସାହୁ, ବଳଭଦ୍ର ସାହୁ, ରମେଶ ପୁଟା, ଜଗନ୍ନାଥପୁଟା, ଉତ୍ତମ ବିଭାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକକୁ ଆକ୍ରମଣ, ଥାନାରେ ଏତଲା

କନ୍ଧମାଳ ୭/୪(ନି.ପ୍ର): ଜମିଜମାକୁ ନେଇ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକକୁ ଆକ୍ରମଣ ।ଏପରି ଏକ ଘଟଣା ଘଟିଛି ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନାର ଧୀନରେ ଥିବା ରେକଡୋଲ ଗ୍ରାମରେ। ସୂଚନା ପ୍ରକାରେ ଗ୍ରାମର ଆନନ୍ଦ ବଘାର ବୟସ ୩୮ବର୍ଷ ପ୍ରତିଦିନ ଭଳି ନିଜ ଜମିରେ କରୁଥିବା ଧାନଚାଷକୁ ସକାଳୁ ଦେଖିବାକୁ ଯାଇଥିଲା ।ଏହି ସମୟରେ ଉକ୍ତ ଗ୍ରାମର ଦୁଇଭାଇ ବିଶି ବାରିକ ଓ ଦୟାନିଧି ବାରିକ ହଠାତ ପହଞ୍ଚି ଚାଲିଗୁଳଜ ସହ ଅତର୍କିତ ଆକ୍ରମଣ କରିଥିଲେ। ତାକୁ ଦୁଇଭାଇ ତଳେ ପକାଇ ଟାଙ୍ଗିଆ ଫସାରେ ଗୋଡ଼କୁ ଆକ୍ରମଣ କରିଥିଲେ ।ଆନନ୍ଦ ବଡ଼ପାଟିରେ ଚିତ୍କାର କରିବାରୁ ଗାଁରୁ ଅନେକ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି କନ୍ଧମାଳ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବଲାଙ୍ଗିର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରଣ କରିଥିଲେ। ଏନେଇ ଆନନ୍ଦ ଘଣ୍ଟାପଡ଼ା ଥାନାରେ ଏତଲା ଦେଇଛନ୍ତି। ଘଣ୍ଟାପଡ଼ା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ନେଇ ଥାନାଧିକାରୀ ନରସିଂହ ମହାପାତ୍ର ପ୍ରକାଶ କରିଛନ୍ତି।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସର୍ବଦଳୀୟ ବୈଠକ

ବଣାଇ: ୭/୪(ନି.ପ୍ର): ରାଉଲକେଲାର ପାନପୋଷରେ ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ)ନିଯୋଜନକୁ ନେଇ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ସବୁ ରାଜନୈତିକ ଦଳର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ ଅଧକ୍ଷତା କରିଥିଲେ। ଏହି ସର୍ବ ଦଳୀୟ ବୈଠକ ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି, ବହୁଜନ ସମାଜବାଦୀ ପାର୍ଟି, ସିପିଆଇଏମ୍ ପାର୍ଟି , ଆମ ଆଦମୀ ପାର୍ଟି, କଂଗ୍ରେସ ଦଳର ପ୍ରତିନିଧି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ବୁଥ ସ୍ତରୀୟ ଏଜେଣ୍ଟ ଓ ସେମାନଙ୍କର କାର୍ଯ୍ୟ ବିଷୟରେ ଅବଗତ ତଥା ଆଲୋଚନା



କରିଥିଲେ । ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ଦିଗରେ ବିଏଲଏର ପ୍ରମୁଖ ଭୂମିକା ରହିଛି ବୋଲି ଶ୍ରୀ ନାୟକ କହି ଥିଲେ। ଏହି ବୈଠକରେ ଡେପୁଟି କେଲକ୍ଟର ଅର୍ପିତା ମହାନ୍ତି , ବିଜେପି ଦଳର ଜିଲ୍ଲାସଭାପତି ପୂର୍ଣ୍ଣିମା କେରକେଟା , ବିଜେଡି ବରିଷ୍ଠ ନେତା ବିରେନ ସେନାପତି, କଂଗ୍ରେସର ଜିଲ୍ଲା ସଭାପତି ରବି ରାୟ, ଆପର ଜିଲ୍ଲା ସଭାପତି ବିନୟ ତିୱାରୀ, ବହୁଜନ ସମାଜବାଦୀ ପାର୍ଟୀର ରଂଜନ ତନ୍ତୀ, ସିପିଆଇଏମ୍ ପାର୍ଟିଜାହାଙ୍ଗୀର ଅଲ୍ଲୀ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରଣପୁର ହାଇସ୍କୁଲର ୧୯୯୪ ବ୍ୟାଚ୍‌ର ବନ୍ଧୁ ମିଳନ



କୋରେଇ ୭/୪(ନି.ପ୍ର): ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀ କୂଳରେ ଅବସ୍ଥିତ ବହୁ ପୁରାତନ ପ୍ରସିଦ୍ଧ ଠାକୁରାଣୀ ମା ସାହାଡ଼ାଶୁଣି ପୀଠରେ ରଣପୁର ହାଇସ୍କୁଲର ୧୯୯୪ ମାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେହି ବ୍ୟାଚର ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ବିଦ୍ୟାଳୟ ବେଳର ପୁରୁଣା ସ୍ମୃତିକୁ ଉଜ୍ଜୀବିତ କରିବା ସହିତ ଏକ ବଣଭୋଜି ଆୟୋଜନ ମଧ୍ୟ କରିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଶିକ୍ଷକ ଯତୀନ୍ଦ୍ର କୁମାର ନନ୍ଦ, ଭିଜିଲାନ୍ସ ଇନ୍ସପେକ୍ଟର ତାପସ କୁମାର ରଣା ଆୟୋଜନ କରିଥିବା ବେଳେ ଏଥିରେ ହରେକୃଷ୍ଣ ବାରିକ, ହିମାଂଶୁ ସାହା, ମାଣିକ ନନ୍ଦ, ପଦ୍ମାବତୀ ରାଉତ, ନିରୁପମା ବେହେରା, ଗୀତାଞ୍ଜଳି ଶତପଥି, ଅଭୟ କୁମାର ସାହୁ, ରେଣୁବାଳା ସ୍ୱାଇଁ, ନିରୂପମା ଯେନା, ସୁକାନ୍ତି ବାରିକ, ଦାମୋଦର ସ୍ୱାଇଁ, ସତ୍ୟବ୍ରତ ସ୍ୱାଇଁ, ତପନ ଯେନା, ଶ୍ୟାମସୁନ୍ଦର ସ୍ୱାଇଁ, ଅଜୟ କୁମାର ଯେନା, ଯୁଧିଷ୍ଠିର ସ୍ୱାଇଁ, ଅଭିମନ୍ୟୁ କବି, ଦିପ୍ତିମୟୀ କୁଆଁର, ପ୍ରଭାକର ବେହେରା ପ୍ରମୁଖ ପୁରାତନ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ।

# ରକ୍ଷକ ସାଜିଥିଲା ଭକ୍ଷକ, ପୋଲିସ ଜାଲରେ ତିନି ଆଇଆରବି ଯବାନ

## ଜିଲ୍ଲାରେ ବୃଦ୍ଧି ପାଉଛି ଗଞ୍ଜେଇ ଚୋରା ଚାଲାଣ

ବୌଦ୍ଧ ୭/୪(ନି.ପ୍ର):ବୌଦ୍ଧ ଜିଲ୍ଲା ରେ ଗଞ୍ଜେଇ ଚୋରା ଚାଲାଣ ନା ଥମୁନି । ଦିନକୁ ଦିନ ଜିଲ୍ଲା ରେ ଗଞ୍ଜେଇ କାରବାର ବୃଦ୍ଧି ପାଉଥିବା ବେଳେ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଜବତ ହେଉଥିବା ଭଳି ଖବର ଦୈନିକ ଦେଖିବାକୁ ମିଳୁଛି । ଏପଟେ ଦିନରାତି ଗଞ୍ଜେଇ ଚୋରା ଚାଲାଣ ପାଇଁ ବୌଦ୍ଧ ପୋଲିସ ଦିନରାତି ଏକ କରି ବିଭିନ୍ନ ସ୍ଥାନ ରେ ଯାଞ୍ଚ ହେଉ କି ପାଟ୍ରୋଲିଂ ହେଉ ଜାରି ରଖିଥିଲେ ମଧ୍ୟ କେତେବେଳେ ଗଞ୍ଜେଇ ମାଆଫି ପୋଲିସ କୁ ଚକମା ଦେଇ ଫେରାର ମାରୁଥିବା ବେଳେ କେତେବେଳେ ପୋଲିସ ଜାଲ ରେ ପଡି ଯାଉଥିବା ଦେଖିବାକୁ ମିଳୁଛି । କିନ୍ତୁ ମଙ୍ଗଳବାର ଦିନ ଗଞ୍ଜେଇ କାରବାର ନିଜେ ରକ୍ଷକ ସାଜୁଥିବା ଭକ୍ଷକ ହୋଇ ଖୋଦ ପୋଲିସ ଜାଲରେ ପଡି ଯାଇଥିବା ଭଳି ଖବର ଜିଲ୍ଲା ରେ ଏକ ଚର୍ଚ୍ଚା ର ବିଷୟ ଦେଖା ଦେଇଛି । ସୂଚନା ମତେ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମତେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବାରକରେ ରହୁଥିବା ପଞ୍ଚମ ଆଇଆରବି ଯବାନଙ୍କ ମଧ୍ୟମରୁ ତିନିଜଣ ଯବାନଙ୍କ ପାଖରୁ ୧୫ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିଲା ମନମୁଣ୍ଡା ପୋଲିସ । ବେଆଇନ ଗଞ୍ଜେଇ କାରବାର ରେ ତିନି ଜଣ ଯବାନ ହାବିଲଦାର କୁନାର ସିଂ, କନେଷ୍ଟବଲ ତ୍ରିଲୋଚନ ରଣା, ନିର୍ମଳ ବର୍ଲକ୍ଷ ଗିରଫ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମଧ୍ୟ ଜଣାପଡ଼ିଛି । ଏପଟେ ନିଜେ ରକ୍ଷକ ଯଦି ଭକ୍ଷକ ସାଜିବ ତାହେଲେ ଜିଲ୍ଲା ରେ ଗଞ୍ଜେଇ ଚୋରା ଚାଲାଣ ରେ କିପରି



ରୋକ ଲାଗିବ ତାକୁ ନେଇ ସାଧାରଣ ରେ ପୋଲିସର ସ୍ୱଚ୍ଛତା କାର୍ଯ୍ୟକୁ ନେଇ ଅନେକ ପ୍ରଶ୍ନ ଉଠୁଛି । ଅନ୍ୟପଟେ ବାରକ ଭିତରକୁ ଗଞ୍ଜେଇ ଗଲା କିପରି କିଏ ଦେଉଥିଲା ପ୍ରହୋତ୍ସନ କାହା ଇଙ୍ଗିତ ରେ ଏଭଳି କାର୍ଯ୍ୟ ରେ ଖୋଦ ରକ୍ଷକଭକ୍ଷକ ସାଜିଥିଲେ ତାହା ସବୁଠାରୁ ବିସ୍ମୟ ସୃଷ୍ଟି କରୁଥିବା ବେଳେ ଗଞ୍ଜେଇ କାରବାରରେ ତିନି ଯବାନ ସମ୍ପୃକ୍ତ ଅଛନ୍ତି ନା ଆଉ କିଏ କିଏ ବେଆଇନ କାରବାର ରେ ଜଡିତ ପୋଲିସ ତଦନ୍ତ ଜାରି ରଖିଛି ବୋଲି ବୌଦ୍ଧ ଏସପି ରାହୁଲ ଗୋଏଲ ପ୍ରେସ ମିଟ ରେ ସୂଚନା ଦେଇଛନ୍ତି। ଗଞ୍ଜେଇ କାରବାର ରେ ନିଜେ ଯବାନ ସମ୍ପୃକ୍ତ ରହୁଥିବା ଭଳି ଖବର ଜିଲ୍ଲା ରେ ସାମ୍ନା କୁ ଆସିଲା ପରେ ଏକ ଚର୍ଚ୍ଚା ର ବିଷୟ ହୋଇଥିବା ବେଳେ ନୂତନ ଭାବେ ଯୋଗ ଦେଇଥିବା ଏସପି ଗଞ୍ଜେଇ ଚୋରା ଚାଲାଣ କୁ ଆଉଟିକେ ରୋକ ଲଗାଇବା ପାଇଁ ଆଜି ତିନି ଥାନା ଅଧିକାରୀଙ୍କୁ ଅଦଳ ବଦଳ କରିଥିବା ମଧ୍ୟ ଜଣାପଡ଼ିଛି।

# ଦ୍ୱିତୀୟ ମନ୍ତେଇ ମହୋତ୍ସବ ୨୦୨୫ ଉଦ୍‌ଯାପିତ

ବାସୁଦେବପୁର ୭/୪(ନି.ପ୍ର):ନଦୀ ହେଉଛି ମାନବ ସଭ୍ୟତାର ପ୍ରାଣକେନ୍ଦ୍ର। ନଦୀ ଉପତ୍ୟକା ରେ ଦିନେ ଗଢି ଉଠିଥିଲା ମାନବ ସଭ୍ୟତା। ସେମିତି ଏକ ଛୋଟିଆ ନଦୀ ମନ୍ତେଇ ବହିଯାଇଛି ଭଦ୍ରକ ଜିଲ୍ଲା ବାସୁଦେବପୁର ଓ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ମଧ୍ୟ ଦେଇ । ଦିନେ ଏଇ ମନ୍ତେଇ ନଦୀର କୋଷ୍ଟକେନାଲ୍ ଦେଇ ସୁଦୁର କୋଲକତା ରୁ ଚାନ୍ଦବାଲି ପର୍ଯ୍ୟନ୍ତ ଚାଲିଥିଲା ନୌବାଣିଜ୍ୟ । ଆଜି ବି ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସାତୋଟି ଗ୍ରାମପଞ୍ଚାୟତ ର ଜୀବନ ରେଖା ପାଲଟିଛି ଏହି ମନ୍ତେଇ ନଦୀ। ଚିରସ୍ରୋତସ୍ୱିନୀ ଏହି ନଦୀ ନାଁ ରେ ମହୋତ୍ସବ କରିବା ପାଇଁ ଆଗେଇ ଆସିଥିଲେ ସ୍ୱେଚ୍ଛାସେବୀ ସଙ୍ଗଠନ ସାଧନା। ପ୍ରଥମ ବର୍ଷ ଭଦ୍ରକ ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଥିଲା। ହେଲେ ଚଳିତବର୍ଷ ସାଧନା ସଙ୍ଗଠନ ଆନୁକୁଲ୍ୟରେ ଓ ରାଜ୍ୟ



ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତା ରେ ରାଜଘରପୋଖରୀ ଠାରେ ଏକ ଭବ୍ୟ ପରିବେଶ ରେ ମନ୍ତେଇ ମହୋତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ର ଜିଲ୍ଲାପାଳ ଦୀଲିପ୍ କୁମାର ରାଉତରାୟ ଯୋଗଦେଇ ନଦୀକୁ କିପରି ପ୍ରଦ୍ୟୁଷଣ ମୁକ୍ତ କରାଯାଇପାରିବ ଏବଂ ଉକ୍ତ ନଦୀ କୁ ନିର୍ଭର କରୁଥିବା ଅନେକ ଚାଷୀ ମାନଙ୍କ ଚାଷଜମି କୁ ଜଳସେଚନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଗୀତିକାର ପଞ୍ଚାନନ ନାୟକ ମନ୍ତେଇ ନଦୀ କୁ ଅଭିସାରିକା ନାୟିକା ରୂପେ ଅଭିହିତ କରିଥିଲେ। ବିଶିଷ୍ଟ କବି ତଥା କଥାକାର ତ୍ୟାଗଭୂମି ର ସଭାପତି ଅଜୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସାଧନା ଅନୁଷ୍ଠାନ ର ସମ୍ପାଦକ ଶ୍ରୀ ଗୋବିନ୍ଦ, ସଭାପତି ବିଜୟ ଦାସ,କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ନାୟକ, କୋଷାଦକ୍ଷ ରୋହିତ କୁମାର ନାୟକ, ସରପଞ୍ଚ ଅରୁଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ଉପ ଆରକ୍ଷୀ ଅଧିକ୍ଷକ ପ୍ରଭାତ କୁମାର ବିଶ୍ୱାଳ ଓ ଯୁବ ବୈଜ୍ଞାନିକ ବୋଧିଶ୍ୱତ୍ୱ ସଂଘ ପ୍ରିୟ ମହାନ୍ତି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟସ୍ତରୀୟ ମନ୍ତେଇ ମହୋତ୍ସବ ରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବି ମାନେ ଆସି ନିଜର କବିତା ଆବୃତ୍ତି କରିଥିବା ବେଳେ ସସ୍କୃତି ବିଭାଗ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

# ପିଣ୍ଛାବଣିଆଁ ଗୁରୁକୁଳ ଆଶ୍ରମର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ରୂପସା ୭/୪(ନି.ପ୍ର): ପିଣ୍ଛାବଣିଆଁ ବୈଦିକ ଗୁରୁକୁଳ ଆଶ୍ରମ ର ୩୬ ତମ ବାର୍ଷିକ ମହୋତ୍ସବ ଉଦଯାପିତ ହୋଇଯାଇଛି । ଉତ୍ସବରେ ପୂର୍ବତନ ସଦର ବିଧାୟକ ସ୍ୱରୁପ କୁମାର ଦାସ ପ୍ରାଚୀନ ଗୁରୁକୁଳୀୟ ପରମ୍ପରାର ମହନୀୟତା ଉପରେ ମତବ୍ୟକ୍ତ କରିବା ସହ ଗୁରୁକୁଳ ରେ ରହୁଥିବା ବ୍ରହ୍ମଚାରୀ ଙ୍କ ଉନ୍ନତି ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ବ୍ଲକ ଅଧକ୍ଷା ସୁନୀତା ବେହେରା ଗୁରୁକୁଳର ପରବେଶ ଓ ପିଲାମାନଙ୍କର ମନ୍ତ୍ରପାଠ ରେ ମୁଗ୍ଧ ହୋଇଯାଇଥିଲେ। ବରେଣ୍ୟ ଅତିଥି ବାନପ୍ରସ୍ଥି ସୁଦର୍ଶନ ଚୌଧୁରୀ , ୨୮ନଂ ଜୋନ୍ ର ଜିଲ୍ଲା ପରିଷଦ ଶ୍ରୀମାନ୍ ସଞ୍ଜୟ ସେଠୀ ,ସମ୍ମାନିତ ବକ୍ତା ସମୟରଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଓ ଅନ୍ୟମାନଙ୍କ ମଧ୍ୟରେ ରୂପସା ସାମିଲ ହସନପୁର ପଞ୍ଚାୟତର ସରପଞ୍ଚ ମାଳତୀ ପ୍ରଧାନ , ସମିତି ସଭ୍ୟା ଶାନ୍ତିଲତା ବେହେରା, ବାନପ୍ରସ୍ଥିନୀ ମଞ୍ଜୁରାଣୀ ଚୌଧୁରୀ, ସମାଜସେବୀ ପ୍ରତିମା ପଣ୍ଡା , ସିତାରାମ ସାହୁ , ବୈଶିଙ୍ଗା ଥାନା ର ଭାରପ୍ରାପ୍ତ ଅଧିକାରୀ ବାରୁଣୀ ଦାସ, ରୂପସା ଥାନା ର ଭାରପ୍ରାପ୍ତ ଅଧିକାରିଣୀ ମୌସୁମୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଗୁରୁକୁଳୀୟ



ଶିକ୍ଷାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଦୀର୍ଘ ୩ ଦିନବ୍ୟାପୀ ଚାଲିଥିବା ବିଶ୍ୱ କଲ୍ୟାଣ ମହାଯଜ୍ଞ ର ପୂର୍ଣ୍ଣାହୁତି ହୋଇଥିଲା ।ପଣ୍ଡିତ ବୀରେନ୍ଦ୍ର କର, ଆଚାର୍ଯ୍ୟ ନୀବାସ ପାଠି ଶର୍ମା , ଜଗବନ୍ଧୁ ଶାସ୍ତ୍ରୀ ,ସୁଧାକର ଶାସ୍ତ୍ରୀ , ପଣ୍ଡିତ ସୁରେନ୍ଦ୍ର ସିଂହ , ନୃସିଂହ ବ୍ରହ୍ମଚାରୀ ଆଦି ବିଦ୍ୱାନ ଗଣ ଯଜ୍ଞର ପୌରହିତ୍ୟ କରିଥିଲେ ।ବାଲେଶ୍ୱର ମୟୂରଭଞ୍ଜରୁ ଶତାଧିକ ଯଜ୍ଞ ପ୍ରେମୀ ଯଜ୍ଞ ରେ ଆହୁତି ପ୍ରଦାନ କରିଥିଲେ । ପ୍ରତ୍ୟେକ ଦିନ ବୃକ୍ଷ ରୋପଣ, ଗୋମାତା ସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବୈଦିକ ପ୍ରବଚନ କରାଯାଇଥିଲା । ଓଡ଼ିଶା ର ସୁନାମଧନ୍ୟ ବୈଦିକ ବିଦ୍ୱାନ ସ୍ୱାମୀ ସୁଧା ନନ୍ଦ ସରସ୍ୱତୀ ଯୋଗଦାନ କରି ଜନତା ଜନାର୍ଦ୍ଦନ ଙ୍କୁ ବୈଦିକ ପ୍ରବଚନ ଶୁଣାଯାଇଥିଲା । ଉନ୍ନତ ସମାଜ ଓ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ବୈପ୍ଳବିକ କ୍ରାନ୍ତି ଆଣିବା ପାଇଁ ଉତ୍ସବ ଅବସରରେ ଶିକ୍ଷକ ସମାବେଶ ତଥା ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା । ରୂପସା, ଆଙ୍କୋ ଓ ହଳଦୀପଦା ଏଚଖର ସ୍ୱୟଂ ସହାୟକ ଗୋଷ୍ଠୀର ଅନେକ ମା ଭଉଣୀ ମାନେ ଏହି ମାତୃ ସମାବେଶରେ ଯୋଗଦାନ କରିଥିଲେ । ଗଞ୍ଜାମ ର ପୋଲସରା ନିବାସୀ ଅବସର ପ୍ରାପ୍ତ A,B,E,O ନିମାଇଁ ଚାନ୍ଦ ମହାପାତ୍ର ଗୁରୁକୁଳ ର ପିଲାମାନଙ୍କ ପାଇଁ ୧,୦୦,୦୦୦ (ଏକ ଲକ୍ଷ) ଟଙ୍କା ର ଲୌହ ଖଟ ସହ ଆନୁସାଙ୍ଗିକ ଉପକରଣ ପ୍ରଦାନ କରିଥିଲେ । ଠିକ୍ ସେହିପରି ଗଞ୍ଜାମ ର ଶ୍ରୀମତୀ ମଞ୍ଜୁରାଣୀ ଚୌଧୁରୀ ଗୁରୁକୁଳ କୁ ପିଲାମାନଙ୍କ ପାଇଁ ଏକ ଗୋମାତା ପାଇଁ ୫୫୦୦୦ ଟ. ର ଚେକ୍ ପ୍ରଦାନ କରିଥିଲେ । ସେହିଭଳି କୁରୁଡା ନିବାସୀ କ୍ଷୁଦ୍ର ଶିଳ୍ପପତି ପ୍ରଦୀପ କୁମାର ବେହେରା ଓ ଶ୍ରୀମତୀ ତୁଳିକା ବେହେରା ଶୁଦ୍ଧ ପାନୀୟ ଜଳ ପାଇଁ ଏକ ଏକ୍ୱାଗାର୍ଡ୍ ପ୍ରଦାନ କରିଥିଲେ । ଅନେକ ପ୍ରାନ୍ତରୁ ଆସିଥିବା ମହାନୁଭବ ଅତିଥି ଓ ଶୁଭେଚ୍ଛୁ ଗଣ ଗୁରୁକୁଳ କୁ ସହାୟତାର ହାତ ବଢ଼ାଇଥିଲେ । ଗୁରୁକୁଳ ତରଫରୁ ମହାନୁଭବ ଅତିଥି ଓ ଦାନ ଦାତା ଙ୍କ ସହ କାର୍ଯ୍ୟ କ୍ରମରେ ଯୋଗଦାନ କରିଥିବା ସମ୍ବାଦ, ଅପରାହ୍ନ ଓ focus plus , ଓଡ଼ିଶା live ର ସାମ୍ବାଦିକ ମାନସ କୁମାର ବେହେରା , ସୁଶାନ୍ତ ପ୍ରଧାନ, ଚାନସେଲର୍ ରାଉତ , ଗତି କୃଷ୍ଣ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା ।ସେହିପରି ଶିକ୍ଷକ ସମାବେଶ ଓ ମାତୃ ସମାବେଶରେ ଯୋଗଦାନ କରିଥିବା ଅନେକ ବିଦ୍ୟାଳୟ କୁ ଆଦର୍ଶ ବିଦ୍ୟାଳୟ ସମ୍ମାନ - ୨୦୨୫ ଓ ସ୍ୱୟଂ ସହାୟକ ଗୋଷ୍ଠୀ କୁ ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀ -୨୦୨୫ ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟ କ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଲୋକ ଯୋଗଦାନ କରିଥିଲେ ।ପରିଶେଷରେ ଶ୍ରୀମାନ ଗଣେଶ କୁମାର ପାଢ଼ୀ ସମସ୍ତଙ୍କୁ ଗୁରୁକୁଳ ତରଫରୁ ଧନ୍ୟବାଦ ଜଣାଇଥିଲେ ।

# ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ଓଡ଼ିଶା ପକ୍ଷରୁ ରକ୍ତ ଦାନ ଶିବିରରେ ୮୫ ୟୁନିଟ ରକ୍ତ ସଂଗୃହିତ

ବାସୁଦେବପୁର ୭/୪(ନି.ପ୍ର):: ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଗଦା ବିନାୟକପୁର ଗ୍ରାମ ର ଏକ ଗ୍ରୀଷ୍ମ କାଳୀନ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗର ରକ୍ତଦାତା ରକ୍ତଦାନ କରିବା ସହିତ ରକ୍ତ ଦାତାଙ୍କୁ ସଙ୍ଗଠନ ପକ୍ଷରୁ ରକ୍ତ ଦାନର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଅନୁଯାୟୀ ଉକ୍ତ ରକ୍ତଦାନ ଶିବିର ରେ ଭଦ୍ରକ ବ୍ଲଡ଼ ବ୍ୟାଙ୍କ ଅଫିସର ଡାକ୍ତର ଦେବରାଜ ପାଣିଗ୍ରାହୀ, ବିଷ୍ଣୁପ୍ରିୟା ପ୍ରଧାନ, ବିଶ୍ୱ ରଞ୍ଜନ ବଳ, ନିରୁପମା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ରକ୍ତଦାନ ଶିବିରକୁ ସତ୍ୟ ସାଇ ସେବା ସଙ୍ଗଠନ, ବାଗଦାବିନାୟକପୁର ଭଜନ ମଣ୍ଡଳୀ ପକ୍ଷରୁ ଆୟୋଜନ କରାଯାଇଥିଲା । ବାବା ଦେଇଥିବା ବାର୍ତ୍ତା। ‘ ସମସ୍ତ ଙ୍କୁ ଭଲପାଅ, ସମସ୍ତଙ୍କ ସେବା କର‘ କୁ ସାକାର କରିବାକୁ ପ୍ରୟାସ କରିଛନ୍ତି ସଙ୍ଗଠନର କାର୍ଯ୍ୟକର୍ତ୍ତା ।

ଶିବିରରେ ଆବାହକ ମଧୁସୂଦନ ଦାସ, ଜିଲ୍ଲା ସେବା ସଂଯୋଜକ ବସନ୍ତ କୁମାର ଦାସ, ରାଜ୍ୟ ଗ୍ରାମ ସେବା ନିର୍ବାହକ ବିଷ୍ଣୁ ମୋହନ ନାୟକ, ପ୍ରଫୁଲ୍ଲ ଦାସ, କରୁଣାକର





ଡାଙ୍ଗୁଆ, ମନୋରଞ୍ଜନ ବେହେରା ପ୍ରମୁଖ ଙ୍କ ସହିତ ଗ୍ରାମର ସମସ୍ତ ଯୁବକ ଉପସ୍ଥିତ ରହି ଶିବିର କୁ ସୁଚାରୁରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମୋଟ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଉପସ୍ଥିତ ଡ଼ା. ଦେବରାଜ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ମା ନାରାୟଣୀ ଫେମିଲ ରେଷ୍ଟୁରାଣ୍ଟ ଉଦଘାଟିତ

**ବେଗୁନିଆପଡା, ୭/୪(ନି.ପ୍ର):** ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକର ଶାଳିଆ ଡ୍ୟାମ ନିକଟ ଡାହିକି ଛକ ଠାରେ ମା ନାରାୟଣୀ ଫେମିଲ ରେଷ୍ଟୁରାଣ୍ଟ କୁ ରବିବାର ଅପରାହ୍ନ ସମୟରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରମୋଦ ଚନ୍ଦ୍ର ପଣ୍ଡା ଉଦଘାଟନ କରିଛନ୍ତି । ଏହି ସମୟରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ବୁଲା ଜେନା, ସୁମଣ୍ଡଳ ସରପଞ୍ଚ ଶିବ ଶଙ୍କର ବାରିକ, ଷଣ୍ଢମୂଳ ସରପଞ୍ଚ ପ୍ରଶାନ୍ତ କୁମାର ପରିଡା, ସମାଜସେବୀ ମହେନ୍ଦ୍ର କୁମାର ଗୌଡ଼, ହୃଷିକେଶ ମେହେଣା,କାଳିମେଘି ସରପଞ୍ଚ ପ୍ରତିନିଧି ବିଶ୍ୱାମିତ୍ର ତ୍ରିପାଠୀ,ହୋଟେଲ




ପ୍ରୋପାଇଟର ମିଥୁନ ଜେନା ଙ୍କ ସମେତ ଅନେକ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ରେଷ୍ଟୁରାଣ୍ଟରେ ସୁଲଭ ମୂଲ୍ୟରେ ସୁସ୍ୱାଦୁ ବ୍ୟଞ୍ଜନ ସହିତ ବିଭିନ୍ନ ପ୍ରକାର ଥଣ୍ଡା ପାନୀୟ ଗ୍ରାହକ ମାନେ ପାଇ ପାରିବେ ବୋଲି କହିଛନ୍ତି ପ୍ରୋପାଇଟର ଶ୍ରୀ ଜେନା ।

# ଆଦିବାସୀ ଦଳିତ ଦୁଇ ନାବାଳିକା ମୃତ

## ପରିବାରଙ୍କୁ ନ୍ୟାୟ ଦାବିରେ ୨୫ ତାରିଖରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ନ୍ୟାୟସତ୍ୟାଗ୍ରହ ପାଇଁ ପ୍ରସ୍ତୁତି

**ମାଲକାନଗିରି,୭/୪(ନି.ପ୍ର):** ଆଦିବାସୀ ଦଳିତ ଦୁଇ ନାବାଳିକା ମୃତା ପୀଡିତା ଛାତ୍ରୀଙ୍କ ପରିବାର ଙ୍କୁ ନ୍ୟାୟ ଦାବି ରେ ୨୫ ତାରିଖ ରେ ଜିଲ୍ଲାପାଳ ଙ୍କ ଅଫିସ ସମ୍ମୁଖ ରେ ନ୍ୟାୟସତ୍ୟାଗ୍ରହ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି ।ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ନାବାଳିକା ଛାତ୍ରୀଙ୍କ ଝୁଲନ୍ତା ମୃତ ଦେହ ଜଙ୍ଗଲରୁ ଉଦ୍ଧାର ଘଟଣାକୁ ଇତି ମଧ୍ୟରେ ଦେଢ଼ ମାସରୁ ଅଧିକ ସମୟବିତିଲାଣି । କିନ୍ତୁ ଏହି ଚର୍ଚ୍ଚିତ ସମ୍ବେଦନଶୀଳ ଘଟଣାକୁ ଆତ୍ମହତ୍ୟାର ରୂପ ଦେଇ ପୁଲିସ ଚୁପ୍ ବସିବା ଓ ପରିବାରଲୋକଙ୍କ ସମେତ ବିଭିନ୍ନ ସଙ୍ଗଠନ ପୁଲିସ୍‌ର ଭୂମିକା ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ସନ୍ଦେହ ପ୍ରକାଶ କରୁଛନ୍ତି । ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର ପୁଲିସ ପାଇପାରୁ ନାହିଁ, ପୀଡ଼ିତାଙ୍କ ପରିବାରଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଦାବି ନେଇ ମାଲକାନଗିରି ଜିଲ୍ଲାର ବିଭିନ୍ନ ସଙ୍ଗଠନର ସଦସ୍ୟ ମାନେ ଆସନ୍ତା ୨୫ ତାରିଖ ରେ ସହର ରେ ବିରାଟ ଶୋଭାଯାତ୍ରା କରିବା ସହ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ ରେ ନ୍ୟାୟସତ୍ୟାଗ୍ରହ କରାଯିବ ବୋଲି ସମାଜ ସେବୀ ଆଦିବାସୀ ନେତା ସରତଚନ୍ଦ୍ର ବୁରୁଦା ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି ।

ସେ ସୂଚନା ଦେଇଛନ୍ତି ଯେ ଏହି ସତ୍ୟାଗ୍ରହ ରେ ଜିଲ୍ଲା ଆଦିବାସୀ ସମାଜ ମହାସଂଘ, ଜିଲ୍ଲା ବେଙ୍ଗଲୀ ସମାଜ, ସେଣ୍ଟ୍ରାଲ ହରିଚାନ୍ଦ ସେବା ଆଶ୍ରମ, ଏସଏସଟି ସଂଘ, ଜିଲ୍ଲା ସରପଞ୍ଚ ସଂଘ, ଦେଶିଆ ଆଞ୍ଚଳିକ ମୁକ୍ତି ମୋର୍ଚ୍ଚା, ରାଜ୍ୟ ଆଦିବାସୀ ମହାସମାଜ ସହିତ ବିଭିନ୍ନ ସଂଗଠନ ପକ୍ଷରୁ ଏହି ସତ୍ୟାଗ୍ରହ ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ନିଫା ପକ୍ଷରୁ ଆୟୋଜିତ ବୌଦ୍ଧ ଟାଉନ ହଲରେ ରକ୍ତଦାନ ଶିବିର

# ଜିଲ୍ଲାପାଳ କଲେ ରକ୍ତଦାନ ଓ ସ୍ୱେଚ୍ଛାସେବୀଙ୍କୁ କଲେ ଉତ୍ସାହିତ

**ବୌଦ୍ଧ୭/୪(ନି.ପ୍ର):** ଆନ୍ତର୍ଜାତୀୟ ରକ୍ତଦାନ ସଚେତନତା ନୀଫା ପକ୍ଷରୁ ସମଗ୍ର ବିଶ୍ୱରେ ସହିଦ ଭଗତ ସିଂ, ଶୁକଦେବ, ରାଜଗୁରୁ ଙ୍କର ବଳିଦାନ କୁ ସମ୍ମାନ ଜଣାଇ ସମ୍ବେଦନା -୨ ଅନୁଷ୍ଠିତ ହେଉଥିବା ବେଳେ ସେହିପରି ବୌଦ୍ଧ ଟାଉନ୍ ହଲ ଠାରେ ଅନୁଷ୍ଠିତ ଏହି ବିଶ୍ୱ ରକ୍ତଦାନ ଶିବିରକୁ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉଦ୍ ଘାଟନ କରିଥିଲେ ଏବଂ ନିଜେ ରକ୍ତଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏଥି ସହିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ମଧ୍ୟ ନିଜେ ରକ୍ତଦାନ ଅନ୍ୟ ରକ୍ତଦାତା ମାନଙ୍କୁ ରକ୍ତ ଦାନ କରିବା ପାଇଁ ବାର୍ତ୍ତା ଦେଇଥିଲେ କ୍ଷସମ୍ମାନୀତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଡ଼. ବି. କେ. ଆର. ସି. ଦେଓ ହେମ୍ବ୍ରମ ଯୋଗଦେଇଥିଲେ । ରକ୍ତ ଭଣ୍ଡାରର ଅଧିକାରୀ ଏବଂ କର୍ମଚାରୀ, ଦିଲୀପ କୁମାର ସାହୁ, ଯୁଡା ଶବର, ରତ୍ନମ୍ବର୍ ସାହୁ, ପ୍ଲକ୍ଷବନି ପରଦିଆ, ପ୍ରମୋଦ ମହାପାତ୍ର, ସୁରଜ୍ ଭୁକ୍ତା ଇତ୍ୟାଦି ରକ୍ତ ସଂଗ୍ରହରେ ସହଯୋଗ



କରିଥିଲେ । ଶିବିରରେ ସମୁଦାୟ ୪୦ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥଲେ । ନିଫା ରାଜ୍ୟ ସଂଯୋଜକ ତଥା ବର୍ଷୀୟାନ ରକ୍ତଦାତା ଅଧାପକ ଡ଼.ପ୍ରବୀର କୁମାର ଦାସ, ସଭାପତି ବସନ୍ତ କୁମାର ସାହୁ, ରକ୍ତଦାତା ପ୍ରବର୍ତ୍ତକ ସଂଘର ସମ୍ପାଦକ ଦେବାଶିଷ ପୁରୋହିତ , ନିଫା ସଭାପତି ଜ୍ଞାନ ଚାନ୍ଦ ଶତପଥୀ ଶିବିରକୁ ପରିଚାଳନା କରିଥିଲେ । ଏଥିରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଗାୟତ୍ରୀ ପରିବାର, ଏନ୍ ସି ସି , ମେରା ଭାରତ,ବୌଦ୍ଧ ମାଟିର ଛୁଆ,ପତାଞ୍ଜଳି ସମିତି ଇତ୍ୟାଦି ଅନେକ ଅନୁଷ୍ଠାନ ର ସ୍ୱେଚ୍ଛାସେବୀ ମାନେ ରକ୍ତ ଦାନ କରିଥିଲେ ।

# ବସ୍ତାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ଼.ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ

**ବସ୍ତା ୭/୪(ନି.ପ୍ର):** ଓଡ଼ିଶାର ବରପୁତ୍ର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ: ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଓଡ଼ିଶା ପ୍ରାଇଡ୍ ସଂଗଠନ ତରଫରୁ ରବିବାର ବାଲେଶ୍ୱର ଜିଲ୍ଲା ବସ୍ତା ଡାକବଙ୍ଗଳା ନିକଟ ରେ ଏକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି ।ସଂଗଠନର ସଭାପତି ମାନସ ଦାସ ସଭାରେ ଅଧ୍ୟକ୍ଷତା କରି ସ୍ୱର୍ଗତ:ପ୍ରଧାନ ଭାରତୀୟ ରାଜନୀତିରେ ଓଡ଼ିଆ ପୁଅ ଭାବ ରେ ଏକ ଅଲିଭା ଛାପ ଛାଡ଼ିଗଲେ ବୋଲି ମତପ୍ରକାଶ କରିଥିଲେ। ତାଙ୍କର ଅମାୟିକ ବ୍ୟବହାର,ସମାଜରେ ବିକାଶର ଧାରାକୁ ତ୍ୱରା ନ୍ୱିତ କରିବା ସହିତ ରାଜନୀତିରେ ଅଜାତଶତ୍ରୁ ଥିଲେ ।ଭାରତୀୟ ଜନତାପାର୍ଟିର ବରିଷ୍ଠ ନେତା ଶ୍ୟାମା ପ୍ରସାଦ ବେହେରା ଡ: ପ୍ରଧାନ ଙ୍କ ସହିତ ବିତାଇଥିବା ସୁଖଦ ସ୍ମୃତି ବଖାଣି ଥିଲେ ।ଡ: ପ୍ରଧାନ ରାଜନୀତିରେ ସେବାଭାବକୁ ସର୍ବୋଚ୍ଚପ୍ରାଧାନ୍ୟ ଦେଉଥିବା ସହିତ କାର୍ଯ୍ୟକର୍ତ୍ତା ତାଙ୍କପ୍ରାଣ ଥିଲେ ବୋଲି କହିଥିଲେ ।ବରିଷ୍ଠ ସାମ୍ବାଦି କ ରାମଚନ୍ଦ୍ର ଦେବ,ବରିଷ୍ଠ ନେତା ସୂର୍ଯ୍ୟନାରାୟଣ ସାହୁ,ସମାଜ ସେବୀ ରାଜେନ୍ ପରିଡ଼ା,ଯୁବନେତା ଧିରେନ ସେଠୀ ସ୍ମୃତି ଚାରଣ କରିବା ସହିତ ଡ:ପ୍ରଧାନଙ୍କ ଜୀବନ ଦର୍ଶନକୁ ନିଜ ଜୀବ ନରେ କାର୍ଯ୍ୟକାରୀ କରିବା ପାଇଁ ସଂକଳ୍ପ ନେଇଥିଲେ । ଇଂ. ଦିବା କର ରାଉତ, ଯୁବଉଦ୍ୟୋଗୀ ପ୍ରକାଶ କୁଣ୍ଡୁ,ଯୁବନେତା ନିହା ର ରଞ୍ଜନ ବେହେରା,ସମାଜସେବୀ ଅଭିରାମ ମଲ୍ଲିକ, ସାମ୍ବା ଦିକ ଜନ୍ମେଜୟ ପରିଡ଼ା,ବ୍ୟବସାୟୀ ବେଣୁଧର ପରିଡ଼ା, ଯୁବନେତା ବିନୟ କେତନ ଜେନା, ସରୋଜ କୁମାର ଗିରି, ପଣ୍ଡିତ ଦିଲ୍ଲିପ ପଣ୍ଡା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# କୋଟପାଡ଼ ଠାରେ ୧୯ବର୍ଷର ବ୍ୟବଧାନ ପରେ ପାଳିତ ହେଉଛି ପ୍ରସିଦ୍ଧ ବାଲିଯାତ୍ରା

**କୋଟପାଡ଼୭/୪(ନି.ପ୍ର):** କୋଟପାଡ଼ ଅଞ୍ଚଳରେ ଦୀର୍ଘ ୧୯ବର୍ଷ ବ୍ୟବଧାନରେ ପାଳିତ ହେଉଛି ବାଲିଯାତ୍ରା ୨୦୨୫, ଏହି ବାଲିଯାତ୍ରା ବହୁ ଆଡମ୍ବର ଓ ନିଆରା ଢଙ୍ଗରେ ପାଳିତ ହେଉଛି,ଏହି ବାଲିଯାତ୍ରା କମିଟି ର ସଭାପତି ହେଉଛନ୍ତି ମଣି ପ୍ରସାଦ ପଟ୍ଟନାୟକ, ସମ୍ପାଦକ ହେଉଛନ୍ତି ଗଣେଶ ପଣ୍ଡା ଓ ଅନ୍ୟ ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ବେଶ ସୁନ୍ଦର ଓ ମହା ଆଡମ୍ବରରେ ଅନୁଷ୍ଠିତ ହେଉଛି ।





# ରାଜସ୍ଥାନ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିଭିନ୍ନ ରାଜ୍ୟ ର ମନ୍ତ୍ରୀ ଓଡିଶା ର ଉପ ମୁଖ୍ୟମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଭେଟି ସମବେଦନା ଜଣାଇଲେ

**ତାଳଚେର ୭/୪(ନି.ପ୍ର):** ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରାକ୍ତନ ବିଜେପି ରାଜ୍ୟ ସଭାପତି ଓଡିଶା ବିଜେପିର ପ୍ରାଣ ପ୍ରତିଷ୍ଠାତା ଡ଼ଃ ଦେବେନ୍ଦ୍ର ପ୍ରଧାନଙ୍କର ବିୟୋଗରେ ସମଗ୍ର ଦେଶରୁ ବିଭିନ୍ନ ଅଂଚଳ ରୁ ହଜାର ହଜାର କାର୍ଯ୍ୟକର୍ତା ଓ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।ଆଜି ରବିବାର ଡ଼ଃ ପ୍ରଧାନ ରହୁଥିବା ତାଳଚେର ହାଣ୍ଡିଧୂଆଁ ନିବାସ ସମ୍ପୂର୍ଣ ଭାବେ ଦିନ ତମାମ ଲୋକାରଣ୍ୟ ରହିଥିବା ର ଦେଖିବାକୁ ମିଳିଛି ।ଦେଶର ବିଭିନ୍ନ ରାଜ୍ୟରୁ ଶହ ଶହ ସଂଖ୍ୟାରେ ବିଶିଷ୍ଟ ବ୍ୟକ୍ତିଙ୍କର ସୁଅ ଛୁଟୁଛି ଡ଼ଃ ପ୍ରଧାନ ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ। ଡ଼ଃ ପ୍ରଧାନ ଙ୍କ ବିୟୋଗ ର ଆଜି ସାତ ଦିନ ବିତି ଯାଇଥିଲା ବେଳେ ଭୁବନେଶ୍ୱର, ତାଳଚେର ର ହାଣ୍ଡିଧୂଆଁ ଓ ଦିନ ଦୟାଲ ନଗର ବାସ ଭବନ କୁ ସୁଅ ଛୁଟୁଛି । ଆଜି ରବିବାର ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, ଉପ ମୁଖ୍ୟମନ୍ତ୍ରୀ ପ୍ରେମ ଚାନ୍ଦ ବେରୱା, ବାଚସ୍ପତି ବାସୁଦେବ ଦେବନାନୀ, ଅଜମେର ରାଜସ୍ଥାନ ଡେପୁଟି ମେୟର ନିରୋଜ ଜେନ, ବିହାରର ଆଇନ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଳ ପାଣ୍ଡେ, ହରିୟାଣାର ପଂଚାୟତ ରାଜ ଓ ଖଣି ମନ୍ତ୍ରୀ କ୍ରିଷ୍ଣ ଲାଲ ପାନୱାର, ଆସାମ ଇନଚାର୍ଯ୍ୟ ପ୍ରାକ୍ତନ ସାଂସଦ ହରିଶ ଦ୍ୱିବେଦୀ, ଓଡିଶା ର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ସମେତ ବହୁ ବିଧାୟକ ପ୍ରାକ୍ତନ ସାଂସଦ, ବିଧାୟକ ଓ ପାର୍ଟିର ସଂଗଠକ ବିଭିଧ କ୍ଷେତ୍ରର କାର୍ଯ୍ୟକର୍ତା, ବିଭିନ୍ନ ଅନୁଷ୍ଠାନ, ଆଦିତ୍ୟ ବାହିନୀ ର ପ୍ରଦେଶ ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର, ପଣ୍ଡିତ ରୋହିତ ଦାସ, ଜିଲ୍ଲା ପ୍ରମୁଖ ବିଜୟ ତ୍ରିପାଠୀ, ବିଏମଏସ ର ରାଷ୍ଟ୍ରୀୟ ସମ୍ପାଦକ ରାମ ନାଥ ଗଣେଶ ଓ ଭେଲୁ ରାଧାକ୍ରିସ୍ନାନ, ତାଳଚେର ତଥା ଅନୁଗୁଳ ଜିଲ୍ଲା ର ସାମ୍ବାଦିକ ସମୂହ ଡ଼ଃ ପ୍ରଧାନ ଙ୍କ ନିବାସ ରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦ୍ରମନ୍ତ୍ରୀ



ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ମାତା ବସନ୍ତ ମଞ୍ଜରୀ ପ୍ରଧାନ ଓ ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇଛନ୍ତି ।ସେହିଭଳି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବିଶିଷ୍ଟ ବ୍ୟକ୍ତିମାନେ ଓ ଡ଼ଃ ପ୍ରଧାନ ଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତି ମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ବହୁ ସଂଖ୍ୟାରେ ଆସୁଛନ୍ତି ।

# କାରଖାନାଗୁଡ଼ିକର ବିଷାକ୍ତ ପାଉଁଶରେ କଳିଙ୍ଗନଗରବାସୀ ମରିବା ଥୟ

## କଳିଙ୍ଗନଗରେ ଥିବା ଏକାଧିକ ଶିଳ୍ପ ସଂସ୍ଥାଙ୍କ ବିଷାକ୍ତ ପାଉଁଶରେ କଳିଙ୍ଗନଗର ବାସୀ ଅଣନିଃଶ୍ୱାସୀ !

**କଳିଙ୍ଗନଗର ୭/୪(ନି.ପ୍ର):** କଳିଙ୍ଗନଗରରେ ଏକାଧିକ ଶିଳ୍ପସଂସ୍ଥାକୁ ପୂର୍ବରୁ କରୁଥିବା ପ୍ରଦୂଷଣ ପାଇଁ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଏବେ ପ୍ରଦୂଷଣ ସାଙ୍ଗକୁ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକରୁ ନିର୍ଗତ ଆବର୍ଜନା ତଥା ବିଷାକ୍ତ ପାଉଁଶ ଢ଼ାଳି କଳିଙ୍ଗନଗରରେ ଥିବା ସାଧାରଣ ଲୋକଙ୍କ ଜୀବନ କୁ ଆହୁରି ଅଧିକ ପରିମାଣରେ ବିପଦ ଗାମି କରୁଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ କି କଳିଙ୍ଗନଗରରେ ଥିବା ମଇଥାନ ଇସ୍ପାତ,ଯାଜଧାନୀ , ଜେଏସଡବ୍ଲୁ, ରୋହିତ, ଇମାମି ବା ନିୟୁଭିଷ୍ଟା ଯେପରି ଶପଥ ନେଇଛି କି କଳିଙ୍ଗନଗରରେ ଥିବା ସାଧାରଣ ଲୋକଙ୍କ ଜୀବନକୁ ତାହାର ବିଷାକ୍ତ ପାଉଁଶରେ ପୋତି କିମ୍ବା ପରୋକ୍ଷରେ ନିଃଶ୍ୱାସ ରେ ମାରିବା ପାଇଁ ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ଏହି ସବୁ କାରଖାନା ଭିତରେ ଥିବା ବର୍ଜ୍ୟ ବସ୍ତୁ ପାଉଁଶକୁ ରାଜ ରାସ୍ତାରେ ପକାଇବାକୁ କହି ପୂର୍ବରୁ ଥିବା ସରକାରଙ୍କ ସମୟରେ ଯେଉଁ ଠିକାଦାର ପରିବହନ କରୁଥିଲା। ସରକାର ପରିବର୍ତ୍ତନ ପରେ ମଧ ସଂପୃକ୍ତ ଠିକାଦାର ଉକ୍ତ କାର୍ଯ୍ୟକୁ ସମ୍ପାଦାନ କରୁଥିବା ଦେଖିବାକୁ ମିଳିଛି। ଏହି ସବୁ ର ସୁଯୋଗ ନେଇ ସଂପୃକ୍ତ ସଂସ୍ଥା କଳିଙ୍ଗନଗରରେ ଥିବା ଗଳିକନ୍ଦିରେ ବର୍ଜ୍ୟ ପାଉଁଶ ପକାଇ ପରିବେଶ ପ୍ରଦୂଷଣ କରୁଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ଯାହାକୁ ନେଇ ସାଧାରଣରେ ଆଲୋଚନା ହେଉଛି। ସବୁ ଠାରୁ ବଡ଼ କଥା କି ଏନ୍ ଏଚ ରାସ୍ତା କଡରେ ସଂପୃକ୍ତ ଠିକାଦାର ପାଖାପାଖି ୧୦୦୦ ଟ୍ରିପ ରୁ ଅଧିକ ପରିମାଣର ବିଷାକ୍ତ ବର୍ଜ୍ୟ ପାଉଁଶ ପକାଇ ଜମି କୁ ସମତଳ କରୁଥିବା ବେଳେ ସେଠାରେ ଥିବା ଜମି ଓ ନିକଟରେ ଥିବା ବ୍ରାହ୍ମଣୀ ନଦୀରେ ଏହି ବିଷାକ୍ତ ପାଉଁଶ ଯାଇ ମିଶୁଥିବା ଆଲୋଚନା ହେଉଛି। ଉକ୍ତ ଜମି ଟି ସୁକିନ୍ଦା ତହସିଲ ଙ୍କ ଅଧୀନ ରେ ଥିବା ପିଙ୍ଗଳ ଗ୍ରାମ ପଞ୍ଚାୟତର ନିମପୋଲି ଗ୍ରାମ ର ଖାତା ନମ୍ବର ୩୦୩ ଓ ପ୍ଲଟ ନମ୍ବର ୨୪୮୩ ରେ ପଡୁଥିବା ଦେଖିବାକୁ ମିଳିଛି। ଏହି ପାଉଁଶ ପକାଇବା ଯାହାକି ସଂପୂର୍ଣ ବେଆଇନ ବୋଲି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ର ଅଧିକାରୀ କହୁଥିବା ବେଳେ କାହା ସ୍ୱାର୍ଥରେ ସେଠାରେ ଏତେ ମାତ୍ର ରେ ପାଉଁଶ ପକାଇ ଜମି କୁ ସମତଳ କରାଯାଉଛି । ଠିକ୍ ସେହିପରି ଦାନଗଦି ବ୍ଲକ ରେ ଥିବା ମଙ୍ଗଳପୁର ଗ୍ରାମ ପଞ୍ଚାୟତ ରେ ଥିବା ଏକାଧିକ ସ୍ଥାନରେ ଏହି ବିଷାକ୍ତ ପାଉଁଶ ରେ ଜମି ସମତଳ କରୁଥିବା ଦେଖିବାକୁ ମିଳିଛି। ଏହି ସବୁ ଘଟଣା କୁ କିପରି ସମାଧାନ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି ।ଏଥି ସହିତ ଏହି ବିଷୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ମଧ କୁମ୍ଭକର୍ଣ୍ଣ ନିଦ୍ରା ରେ ଥିବା ପରି ପରିଲକ୍ଷିତ ହୋଇଛି ।ନା କୌଣସି ଅଦୃଶ୍ୟ ଶକ୍ତି ବଳରେ ସଂପୃକ୍ତ ବିଭାଗ ର ଅଧିକାରୀ ମାନେ ଉକ୍ତ ସ୍ଥାନକୁ ହାତ ମାରିବାକୁ ପଛଘୁଞ୍ଚା ଦେଉଛନ୍ତି। ଯାହାକି କଳିଙ୍ଗନଗର ରେ ଆଲୋଚନା ର ବିଷୟ ପାଲଟିଛି। ଗତ ତିନି ଚାରି ବର୍ଷ ହେବ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ବାରମ୍ବାର ସମସ୍ତ କାରଖାନା କୁ ନୋଟିସ୍ ଜାରି କରିଚାଲିଛନ୍ତି। ମାତ୍ର ଯେଉଁ ଦିନ ନୋଟିସ ଜାରି ହେଉଛି ଠିକ୍ ପରଦିନ ଠାରୁ ସଂପୃକ୍ତ ସଂସ୍ଥା ଅଧିକ ରୁ ଅଧିକ ବେଆଇନ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଗକୁ ନୋଟିସ ଜାରି କରୁଛନ୍ତି ନା ଆଉ କିଛି ପଦକ୍ଷେପ ଗ୍ରହଣ କରୁଛନ୍ତି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଅବ୍ୟବସ୍ଥାରେ ତୁଷୁରା ବିଜୁପଟ୍ଟନାୟକ ସ୍ମାଟପାର୍କ,ଗ୍ରାହକ ଅନ୍ତସନ୍ତ

**ତୁଷୁରା, ୭/୪(ନି.ପ୍ର):** ଶମ୍ଭୁ ପ୍ରସାଦ ସାହୁ: ବଲାଙ୍ଗୀର ଜିଲ୍ଲା ତୁଷୁରା ତହସିଲ ଅଫିସ ପରିସରରେ ୩୧/୫/୨୦୨୩ ରେ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ବିଜୁ ପଟ୍ଟନାୟକ ସ୍ମାଟ ପାର୍କ ଉଦଘାଟନ କରିଥିଲେ। ଫଳରେ ତୁଷୁରା ଅଞ୍ଚଳ ବାସୀ ସହରରେ ଗୋଟିଏ ପାର୍କ ପାଇ ଖୁସି ଅନୁଭବ କଲେ। କିନ୍ତୁ ଏହି ପାର୍କ ସ୍ମାଟପାର୍କ ମାନ୍ୟତା ପାଇଥିଲେ ମଧ ଅବ୍ୟବସ୍ଥାରେ ଥିବାରୁ ଥରେ ଯିଏ ଗଲା ପାର୍କ କୁ ଆଉ ଯିବାକୁ ଇଚ୍ଛା କରନ୍ତିନାହିଁ ।କାରଣ ଭିତରେ ଲାଇଟ ଖୁଣ୍ଟ ଥିଲେ ମଧ ଠିକ ସେ ଲାଇଟ ଜଳୁନଥିବା ବେଳେ,ପିଇବା ପାଣି ର ବ୍ୟବସ୍ଥା ନାହିଁ। ଏବଂ ପାର୍କ ଭିତରେ ଚାଲିବା ପାଇଁ ଯେଉଁ ଫେଭର ପ୍ଲେଟ ବସା ଯାଇଛି କେଉଁଠି ଦବି ଯାଇଛି ତ କେଉଁଠି ପ୍ଲେଟ ଭାଙ୍ଗି ଏକ ଫୁଟର ଗାତ ସୃଷ୍ଟି ହୋଇଛି ଏବଂ ଅନେକ ସମୟରେ ଛୋଟ ପିଲା ମାନଙ୍କ ଗୋଡ ପଡି ଖଣ୍ଡିଆ ଖାବରା ହୋଇଥାନ୍ତି। ତା ସହିତ ପାର୍କ ଭିତର ସମତୁଲ ନ ଥିବାରୁ ବର୍ଷା ଦିନେ ୨ ମାସ ପର୍ଯ୍ୟନ୍ତ ଭିତରେ ସ୍ଥାନେ ସ୍ଥାନେ ଆଣ୍ଠୁଏ ପାଣି ଜମା ହୋଇ ଘାସ ପଚି ଶଢି ଦୁର୍ଗନ୍ଧ ହୋଇଥାଏ। ଭିତରେ ଲାଗି ଥିବା ବିଭିନ୍ନ ସରଞ୍ଜାମ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ଅବସ୍ଥାରେ ରହି ବିପଦ ଅବସ୍ଥାରେ ରହିଛି।

ଅନ୍ୟପକ୍ଷରେ ପାର୍କ ରେ ଜେନେରେଟର ର ବ୍ୟବସ୍ଥା ନ ଥିବାରୁ ବିଜୁଳି ଗଲେ ପୁରା ପୁରି ଅନ୍ଧାର ହୋଇଥାଏ ।ଫଳରେ ମହିଳା ମାନେ ନିଜକୁ ସୁରକ୍ଷିତ ନ ଭାବି ପଳାଇ ଆସିଥାନ୍ତି ।ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ପରିକ୍ଷା



ସରି ଥିବାରୁ ପାର୍କ ରେ ଭିଡ ହେବା ସ୍ୱାଭାବିକ ତୁରନ୍ତ ଜିଲ୍ଲା ପ୍ରଶାସନ ପାର୍କ ର ଅବ୍ୟବସ୍ଥାକୁ ଠିକ କରିବା ପାଇଁ ଅଞ୍ଚଳ ବାସୀ ଦାବି କରୁଛନ୍ତି ।

# ଅନିୟମିତତା ମଧ୍ୟରେ ଗତି କରୁଛି ମଦନପୁର ରାମପୁର ପ୍ରାଣୀ ଚିକିତ୍ସାଳୟ

# ବିନା ପରୀକ୍ଷାରେ ଫୋପାଡ଼ି ଦେଉଛନ୍ତି ପ୍ରାଣୀଙ୍କ ରକ୍ତ ନମୁନା

**ଭବାନୀପାଟଣା/ ୭/୪(ନି.ପ୍ର):** କଳାହାଣ୍ଡି ଜିଲ୍ଲା ମ.ରାମପୁର ପ୍ରାଣୀ ଚିକିତ୍ସା ବିଭାଗରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ନାଁ ରେ ରହିଛି ଅଭିଯୋଗର ଲମ୍ବା ତାଲିକା। ଉକ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କ ନାଁ ରେ ରହିଛି ଅଭିଯୋଗର ଲମ୍ବା ତାଲିକା। କାର୍ଯ୍ୟରେ ବିଭିନ୍ନ ସମୟରେ ବିଭିନ୍ନ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଥିବା ବେଳେ ବର୍ତମାନ ଏହି ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ନାଁ ରେ ଯୋଡି ହୋଇଛି ଆଉ ଏକ ଅଭିଯୋଗର ଫର୍ଦ। ରକ୍ତନମୁନା ବିନା ପରୀକ୍ଷାରେ ଫୋପାଡ଼ିବା ସଙ୍ଗେ ସଙ୍ଗେ ପଶୁ ଚିକିତ୍ସା ନାଁରେ ପ୍ରତି ଲୋକଙ୍କ ଠାରୁ ଆଦାୟ କରୁଛନ୍ତି ସହ ସହ ଟଙ୍କା। ପ୍ରଥମେ ଭ୍ରାମ୍ୟମାଣ ପ୍ରାଣୀ ୟୁନିଟର ଚିକିତ୍ସାଧିକାରୀ ଗାଈ, ଛେଳି ଭଳି ଗୃହପାଳିତ ପଶୁଙ୍କ ରକ୍ତ ନମୁନା ସଂଗ୍ରହ କରି ବିନା ପରୀକ୍ଷାରେ ପରିତ୍ୟକ୍ତ ସ୍ଥାନରେ ଫିଙ୍ଗି ଦିଆଯାଉଥିବା ଦେଖିବାକୁ ମିଳିଥିଲା। ବର୍ତମାନ ପୁଣି ଏହି ବିଭାଗରେ ବିଭିନ୍ନ ଅନିୟମିତତା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମ.ରାମପୁର ବ୍ଲକର କାରନିମାଲ ଓ କଛାରପାଲି ଗାଁରେ ଥିବା ଚାଷୀମାନେ ଗାଈ, ଛେଳି ପାଳନ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଚିକିତ୍ସା ଅବହେଳାରୁ ଛେଳିଙ୍କ ମୃତ୍ୟୁ ହେଉଥିବା, ପ୍ରାଣୀ ଚିକିତ୍ସା ଅଧିକାରୀ ରକ୍ତ ନମୁନା ସଂଗ୍ରହ କରୁଥିବା ବେଳେ ମାସ ମାସ ଧରି ରିପୋର୍ଟ ପ୍ରଦାନ କରୁନଥିବା ଯୋଗୁଁ ରୋଗ ଚିହ୍ନଟ ହୋଇନପାରି ମୃତ୍ୟୁ ହେଉଥିବା, ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଠିକ୍ ସମୟରେ ଚିକିତ୍ସା ପାଇଁ ବିଭାଗୀୟ ଚିକିତ୍ସା ଅଧିକାରୀ ଭୁବନେଶ୍ୱରରେ ଥିବା କହି ଆସୁନଥିବା, ଭ୍ରାମ୍ୟମାଣ ପ୍ରାଣୀ ୟୁନିଟ ଭ୍ୟାନ ଗାଁକୁ ଆସୁନଥିବା, ଦାୟିତ୍ୱରେ ଥିବା ଏଲ ଆଇ ଚିକିତ୍ସା ଠିକ ଭାବରେ କରୁନଥିବା ଚିକିତ୍ସା ଅବହେଳାରୁ ଛେଳି ମୃତ୍ୟୁବରଣ କରୁଥିବା



ମହରଗି ସାହୁ, ଇଶ୍ୱର ସାହୁ, ନାରାୟଣ ମାଝୀ,ଭରତ ସାହୁ, ମିନକେତନ ସାହୁ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ଚାଷୀମାନେ ପ୍ରକାଶ କରିଥିଲେ। ବାରମ୍ବାର ଏଭଳି ଅଭିଯୋଗ ବିଭାଗୀୟ ଅଧିକାରୀ ମାନଙ୍କ ନାଁ ରେ ଆସୁଥିଲେ ସୁଦ୍ଧା ଜିଲ୍ଲା ପ୍ରାଣୀ ମୁଖ୍ୟ ଚିକିତ୍ସାଧିକାରୀ 'ସିଡିଭିଓ' ଏଭଳି ଦଲାଲ ମାନଙ୍କ କାର୍ଯ୍ୟ କଳାପ ଉପରେ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ଦେଖାଯାଉଥିବା ଚାଷୀ ମହଲ ରେ ଅଭିଯୋଗ ହେଉଛି।

ତେଣୁ ଏହାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ସଂପାଦକୀୟ...

## ଭତ୍ତା ବୃଦ୍ଧି ଜରୁରୀ

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଦେଶର ବୁଢ଼ାବୁଢ଼ୀ, ବିଧବା, ଅକର୍ମଣ୍ୟ ବ୍ୟକ୍ତି ବିଶେଷମାନଙ୍କୁ ଯେଉଁ ସହାୟତା ରାଶି ଯୋଗାଇ ଦେଇ ଆସୁଛନ୍ତି, ତାହାର ମାସିକ ପରିମାଣ ୨୦୦ ରୁ ୫୦୦ ଟଙ୍କା ମଧ୍ୟରେ। ହିତାଧିକାରୀଙ୍କୁ ଅଶୀ ବର୍ଷ ପରେ ଏହି ସହାୟତା ରାଶି ପରିମାଣ ୭୦୦ ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଆଜିକାଲିର ମହଙ୍ଗା ଯୁଗରେ ଏତେ କମ୍ ସହାୟତା ଭତା ବା ପେନସନ୍‌ରେ ଚଳିବା କୌଣସି ବ୍ୟକ୍ତିବିଶେଷଙ୍କ ପକ୍ଷେ ସମ୍ଭବ ନୁହେଁ। ନିକଟରେ ଏକ ସଂସଦୀୟ କମିଟି ଏହି ପେନସନ୍ ସମ୍ପର୍କରେ ନିଜର ରିପୋର୍ଟ ସଂସଦରେ ଉପସ୍ଥାପନ କରିଛି। କମିଟି ପକ୍ଷରୁ ସଂକ୍ଷେପରେ କୁହାଯାଇଛି ଯେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଯୋଗାଇ ଦେଉଥିବା ଏହି ଭତା ବା ପେନସନ୍ ପରିମାଣ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। କମିଟି ପକ୍ଷରୁ କୁହାଯାଇଛି ଯେ ସମ୍ପୃକ୍ତ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ଏକ ସଂଶୋଧିତ ପ୍ରସ୍ତାବ କ୍ୟାବିନେଟ୍‌କୁ ପ୍ରଦାନ କରି ଭତା ବା ପେନସନ୍ ପରିମାଣକୁ ବୃଦ୍ଧି କରନ୍ତୁ। ସମଗ୍ର ପ୍ରସଙ୍ଗରେ ଯଥୋଚିତ ମନୋନିବେଶ କରି ଏହାର ଯଥାର୍ଥତା ଉପଲବ୍ଧି କରିବାକୁ ସମ୍ପୃକ୍ତ ମନ୍ତ୍ରଣାଳୟକୁ କମିଟି ଏକ ପ୍ରକାର ମୃଦୁ ଭର୍ତ୍ସନା କରିଛି। ସ୍ୱୟଂ ଯେତେବେଳେ ସଂସଦୀୟ କମିଟି ଏପରି ମତାମତ ଦେଉଛି, ସେଥିରୁ ପ୍ରସଙ୍ଗଟି କେତେ ସମ୍ବେଦନଶୀଳ, ତାହା ସହଜରେ ଅନୁମେୟ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଏହି ନାମକୁମାତ୍ର ସହାୟତା କେବଳ ଧନୀଙ୍କୁ ଏକ ଆଖିଠାର ସଦୃଶ। ୧୯୯୫ରୁ ଏହି ପେନସନ୍ ଯୋଜନା ଦେଶରେ କାର୍ଯ୍ୟକାରୀ ହେଉଛି ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏହାକୁ କାର୍ଯ୍ୟକାରୀ କରୁଛି। ଏହି ପେନସନ୍ ବା ଭତା ପରିମାଣ ଅତି ସ୍ୱଳ୍ପ ହୋଇଥିବାରୁ ବିଭିନ୍ନ ରାଜ୍ୟ ସରକାର ଏହା ଉପରେ ନିଜ ଆଡୁ ଆଉ କିଛି ଅଧିକ ଟଙ୍କା ଦେଉଛନ୍ତି। ତାହାର ପରିମାଣ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ଏବଂ ଏହା ପୁଣି ସମ୍ପୃକ୍ତ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ନିର୍ଭର କରେ। କିନ୍ତୁ ମୂଳ ଯୋଜନାଟି ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କର ଏବଂ ସେଥିପାଇଁ କେନ୍ଦ୍ର ଅର୍ଥ ଯୋଗାଇବାର ବ୍ୟବସ୍ଥା ରହିଛି। ଏବେ ଏହି ଯୋଜନାରେ ମୋଟ ହିତାଧିକାରୀଙ୍କ ସଂଖ୍ୟା ୨କୋଟି ୯୫ ଲକ୍ଷ ୩୦ ହଜାର ୦୫୩। ପ୍ରତିବର୍ଷ ବଜେଟ୍‌ରେ ଏଥିପାଇଁ ସ୍ୱତନ୍ତ୍ର ଅର୍ଥ ବରାଦ ହୋଇନଥାଏ। ରାଜ୍ୟ ଉନ୍ନୟନ ମନ୍ତ୍ରଣାଳୟର ବଜେଟରୁ ଏହି ଅର୍ଥରାଶି ଦିଆଯାଏ। ଏଥିପାଇଁ ସ୍ୱତନ୍ତ୍ର କର୍ପସ (ପାଣ୍ଠି) ନାହିଁ କିମ୍ବା ଏହି ପେନ୍‌ସନ୍ ମୁଦ୍ରାସ୍ଫୀତି, ମୂଲ୍ୟବୃଦ୍ଧି ସହିତ ସମ୍ପୃକ୍ତ ନୁହେଁ। ତେଣୁ ଏହା କେବଳ ଏକ ହାତଟେକା ବା ଅନୁକମ୍ପାମୂଳକ ନାମକୁମାତ୍ର ଦାନ। ଏହି ପେନ୍‌ସନ୍ ବୃଦ୍ଧି ପାଇଁ ଧାରାବାହିକ ଭାବେ ଦାବି କରାଯାଉଛି। ଏଥିରେ ଥିବା ଅଧିକାଂଶ ହିତାଧିକାରୀ ବିପିଏଲ୍ ବର୍ଗର ହୋଇଥିବାରୁ ସେମାନଙ୍କ ପାଇଁ ରାଜନୈତିକ ସ୍ୱର ଜୋର ଶୁଣାଯାଏ। ଏହାସତ୍ତ୍ୱେ କିଛି ପ୍ରତିକାର ସରକାରୀ ସ୍ତରରେ କରାଯାଏ ନାହିଁ। ଏହା ଶତପ୍ରତିଶତ କେନ୍ଦ୍ରୀୟ ଯୋଜନା ହୋଇଥିବାରୁ ରାଜ୍ୟ ସରକାରମାନେ ଏଥିପାଇଁ ଅର୍ଥ ଦେବାକୁ କୁଣ୍ଠିତ। ସେମାନେ ଯେଉଁ ଅର୍ଥ ଦେଇଥା'ନ୍ତି, ତାହା ରାଜ୍ୟବିଶେଷରେ ୫୦ ରୁ ୩୨୦୦ ଟଙ୍କା ମଧ୍ୟରେ ସୀମିତ। ଆନ୍ଧ୍ର, ଦିଲ୍ଲୀ, ହରିୟାଣା ଭଳି କିଛି ଧନାଢ଼୍ୟ ରାଜ୍ୟ ଏ ବାବଦରେ କେବଳ ଅଧିକ ସହାୟତା ଦେଇଥା'ନ୍ତି। କମିଟି ତାଙ୍କ ରିପୋର୍ଟରେ ଆହୁରି ଦର୍ଶାଇଛି ଯେ ସମାଜର ସବୁଠୁ ଦୁର୍ବଳ ବର୍ଗ ଏତେ କମ୍ ପରିମାଣର ସରକାରୀ ପେନ୍‌ସନ୍‌ରେ ଆଜିର ମହଙ୍ଗା ଯୁଗରେ କିପରି ଚଳିବେ, ତାହା ବିଶ୍ୱାସ କରିବା କଷ୍ଟ। ଭାରତ ସରକାରଙ୍କ ପାଖରେ ଅର୍ଥ ବା ସମ୍ବଳର ଅଭାବ ନାହିଁ। କେନ୍ଦ୍ର ସରକାର ଦେଶର ୮୦ କୋଟି ଲୋକଙ୍କୁ ଦୁଇବର୍ଷ ଧରି ମାଗଣାରେ ରାସନ ସାମଗ୍ରୀ ଯୋଗାଇ ଆସୁଥିବାବେଳେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ନିରବ ରହିବା ରହସ୍ୟଜନକ ମନେହୁଏ। ଏହି ଯୋଜନାରେ ଏକାଧିକ ପେନ୍‌ସନ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନାମରେ ନାମିତ। ସେଗୁଡ଼ିକ ହେଲା– ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ପେନ୍‌ସନ୍ ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନ୍‌ସନ୍ ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ଅକ୍ଷମ ପେନ୍‌ସନ୍ ଯୋଜନା ପ୍ରମୁଖ। ଏହାର ହିତାଧିକାରୀମାନେ ଏହି ଯୋଜନାରେ ପାଉଥିବା ଭତା ବା ପେନ୍‌ସନ୍‌ର ପରିମାଣ ମାସିକ ୨୦୦ ରୁ ୨୫୦୦ ଟଙ୍କା। ଏହି ଯୋଜନା ପ୍ରତି ସରକାରୀ ଉଦାସୀନତାର କାରଣ ରାଜନୈତିକ କି? ବୋଧହୁଏ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନାମରେ ମାସିକ ଏଭଳି କଲ୍ୟାଣକାରୀ ଯୋଜନାକୁ କେନ୍ଦ୍ର ସରକାର ଜାଣିଶୁଣି ହୀନିମାନ କରି ରଖି ଏହାର ହିତାଧିକାରୀଙ୍କୁ ହନ୍ତସନ୍ତ କରୁଛନ୍ତି। ସେହିଭଳି ଉଦାସୀନତା ମଧ୍ୟ ଇପିଏଫ୍‌ଓ କର୍ମଚାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି, ଯେଉଁଠି ଲକ୍ଷଲକ୍ଷ ହିତାଧିକାରୀଙ୍କୁ ମାସିକ ୧୦୦୦ ଟଙ୍କାର ପେନ୍‌ସନ୍ ମିଳୁଛି। ଏହା ଉପରେ ମହଙ୍ଗା ଭତା କିମ୍ବା ବାର୍ଷିକ ବୃଦ୍ଧି ବ୍ୟବସ୍ଥା ନାହିଁ।

## "କୌଣସି ଦେଶର ପରିସ୍ଥିତି ସେଠାକାର ମହିଳା ମାନଙ୍କର ସ୍ଥିତିକୁ ଦେଖି ଜଣେ କହିପାରିବ"

ଜ୍ଞାନ ଓ ସଚେତନା ବୃଦ୍ଧି ଦ୍ୱାରା ମହିଳା ମାନଙ୍କର ପ୍ରଗତି ସମ୍ଭବ ହୋଇପାରିଛି। ଆଧୁନିକ ସମୟରେ ମହିଳା ମାନଙ୍କ ଆଶା ଆକାଂକ୍ଷାକୁ ପୁରଣ କରିବା ପାଇଁ ଅନେକ ଅବସର ରହିଛି। ଏହି ପରିପ୍ରେକ୍ଷୀରେ ହାଇଦ୍ରାବାଦର ତାୟେବା ବେଗମ୍ ଖେଦିୟେ ଜଙ୍ଗ, ଯିଏ ପ୍ରଥମ ମୁସଲିମ୍ ମହିଳା ସ୍ନାତକ ଥିଲେ ତାଙ୍କ ଜିବନୀକୁ ଅବଲୋକନ କଲେ ଆମେ ଜାଣି ପାରିବା ଯେ, ମହିଳାଙ୍କ ଶିକ୍ଷା ପାଇଁ ସେ କିପରି ସାରା ଜୀବନ ସଂଘର୍ଷ କରିଥିଲେ। ତେଣୁ ତାଙ୍କ ଜୀବନର ଏକ ପରିଚୟ ନିଶ୍ଚିତ ଭାବରେ ହଜାର ହଜାର ମୁସଲିମ ମହିଳା, ଯେଉଁମାନେ ସେମାନଙ୍କ ଶିକ୍ଷାଗତ ଅଧୀକାର ପାଇଁ ଲଢେଇ କରୁଛନ୍ତି, ତାଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇପାରିବ।

ତାୟେବା ବେଗମ୍‌ଙ୍କ ଜନ୍ମ ଏପରି ସମୟରେ ହୋଇଥିଲା, ଯେତେବେଳେ ମହିଳାମାନେ ଶିକ୍ଷିତ ହେବା ଏକପ୍ରକାର ଅବାସ୍ତବ ଥିଲା। କିନ୍ତୁ ଏହିପରି ସମୟରେ ତାୟେବା ବେଗମ୍ ପ୍ରଥମ ମୁସଲମାନ ମହିଳା ଭାବରେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ୧୮୯୪ ମସିହାରେ ସ୍ନାତକ ହୋଇଥିଲେ। ସେ ଏକ ସାମାଜିକ କର୍ମୀ ଭାବରେ ବାହ୍ମ ସମାଜର ବାର୍ଷିକ ମହିଳା ଅଧିବେଶନରେ ଅଧକ୍ଷତା ମଧ୍ୟ କରିଥିଲେ। ଶିକ୍ଷା ଓ କୌଶଳ ବୃଦ୍ଧି ସହିତ ମହିଳା ସଶକ୍ତି କରଣ ପାଇଁ ବେଗମ୍ ରୋକେୟା ଶେଖାୱେତ୍ ହୁସେନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯୋଜନା ଅଞ୍ଜୁମନ-ଏ-ଖାୱାତିନ୍-ଏ-ଇସଲାମକୁ ମଧ୍ୟ ତାୟେବା ବେଗମ୍ ନିଜର ନିୟନ୍ତ୍ରଣକୁ ଆଣିଥିଲେ। ସେ ୧୯୦୫ ମସିହାରେ 'ଅନୱରି ବେଗମ୍' ନାମକ ଏକ ଉପନ୍ୟାସର ରଚନା କରିଥିଲେ, ଯେଉଁଥିରେ ଉକ୍ତ ସାମାଜିକ ସଂସ୍କାର ଗୁଡିକୁ ସମର୍ଥନ ଜଣାଇଥିଲେ, ଯେଉଁଗୁଡିକୁ ସେ ହାଇଦ୍ରାବାଦର ପରିବାର ମାନଙ୍କରେ କାର୍ଯ୍ୟକାରୀ କରିବାକୁ ଚାହିଁଥିଲେ। ଭାରତର ଲୋକ ସଙ୍ଗୀତରେ ତାଙ୍କର ଅବଦାନ ପାଇଁ ସେ ବେଶ୍ ଜଣାଶୁଣା।

୧୯୦୭ ମସିହାରେ ତାୟେବା ବେଗମ୍, ସରୋଜିନୀ ନାଇଡୁ ଓ ଅମିନା ହାଇଦରୀଙ୍କ ଭଳି ଅନ୍ୟ ପ୍ରଭାବଶାଳୀ ନାରୀ ନେତ୍ରୀ ମାନେ ମିଶି ତତ୍କାଳିନ ହାଇଦ୍ରାବାଦର ନିଜାମଙ୍କୁ ହାଇଦ୍ରାବାଦ ଠାରେ ମହବୁବିଆ ବାଳିକା ବିଦ୍ୟାଳୟ ସ୍ଥାପନା କରିବାକୁ ପ୍ରବର୍ତ୍ତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେମାନେ ସେଠାରେ ଆର୍ଥିକ ଅନଗ୍ରସରଙ୍କ ପାଇଁ ସ୍କୁଲ ଓ ପାଠାଗାରର ବ୍ୟବସ୍ଥା ମଧ୍ୟ କରିଥିଲେ। ତାଙ୍କ ଦ୍ୱାରା ହାଇଦ୍ରାବାଦରେ ସ୍ଥାପନ କରାଯାଇଥିବା ଆଠଟି ବିଦ୍ୟାଳୟ ମଧ୍ୟରୁ ବର୍ତ୍ତମାନ ସମୟରେ ମଧ୍ୟ ଦୁଇଟି ସ୍କୁଲ୍ ଚାଲୁଅଛି। ତାଙ୍କ ପ୍ରଭାବଶାଳୀ ଜୀବନିରୁ ବର୍ତ୍ତମାନ ନାରୀ ମାନେ ଅନୁପ୍ରାଣିତ ହୋଇ ନିଜକୁ ସଶକ୍ତିକୃତ କରିବା ଉଚିତ୍। ଭାରତ ସରକାର ମଧ୍ୟ ମହିଳା ସଶକ୍ତିକରଣ ପାଇଁ ଧ୍ୟାନ କୈନ୍ଦ୍ରିଭୂତ କରିଆସୁଛନ୍ତି। ଭାରତ ସମ୍ବିଧାନର ଅନୁଚ୍ଛେଦ –୧୬ ମହିଳା ମାନଙ୍କୁ ସମାନ ଅବସରର ଅଧୀକାରକୁ ସୁନିଶ୍ଚିତ କରିଥାଏ। ମହିଳା ମାନଙ୍କ ପାଇଁ ଏବେ କୌଣସି ବାଧା ନାହିଁ ଏବଂ ଏହାକୁ ସେମାନେ ଯଥା ଶୀଘ୍ର ହୃଦୟଙ୍ଗମ କରିବା ଉଚିତ୍। ଯଦି ଗର୍ଭବତୀ ହୋଇ ମଧ୍ୟ ତାୟେବା ବେଗମ୍ ତାଙ୍କ ସମୟରେ ବନ୍ୟା ପୀଡ଼ିତ ମାନଙ୍କୁ ସାହଯ୍ୟ କରିପାରିଥିଲେ, ତେବେ ଏପରି କୌଣସି ଗତିରୋଧ ନାହିଁ ଯାହା ବର୍ତ୍ତମାନ ମହିଳା ମାନଙ୍କୁ ତାଙ୍କ ପ୍ରଗତି ପଥରୁ ରୋକିପାରିବ। ତେଣୁ ନିଜର ପ୍ରଗତିର ପଥରେ ଅଗ୍ରସର ହେବା ପାଇଁ ମୁସଲିମ ମହିଳା ମାନେ ତାୟେବା ବେଗମ୍‌ଙ୍କ ଜୀବନିରୁ ଅନୁପ୍ରାଣିତ ହେବା ଉଚିତ୍।

*ରେଶମ୍ ଫାତ୍‌ମା*
*ରାଜନୀତି ବିଜ୍ଞାନ ବିଭାଗ,*
*ଜୱାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ*

# ନିଶା ନିବାରଣ, ବଲିଉଡ୍ ଓ ଆମ ସମାଜ

ଇପ୍‌ସିତା ମହାନ୍ତି

ମଦ ଅବା ମାଦକଦ୍ରବ୍ୟ ମନୁଷ୍ୟଙ୍କ ମଧ୍ୟରେ ଆଜି ଦୂରତ୍ୱ ବଢ଼ାଇ ଚାଲିଛି। ଏହା ମନୁଷ୍ୟଙ୍କ ମଧ୍ୟରେ ଘୃଣା, ଦ୍ୱେଷ ଓ ଈର୍ଷାଭାବ ସୃଷ୍ଟି କରୁଛି। ଲୋକଙ୍କୁ ଦାରିଦ୍ର୍ୟ ଓ ଅନାହାର ଦିଗକୁ ଟାଣିନେଉଛି। ସାଥେ ସାଥେ ଅଜଣା ରୋଗରେ ଆକ୍ରାନ୍ତ କରାଉଛି। ମଦ୍ୟପାନର ଏସବୁ ଚିତ୍ର ଅତି ଭୟାନକ। ଏ ଦୃଷ୍ଟିରୁ ନିଶା ନିବାରଣକୁ ପ୍ରାଥମିକତା ଦେବା ଏକ ଜନମଙ୍ଗଳକାରୀ ସରକାରଙ୍କ ଧ୍ୟେୟ ହେବା ଆବଶ୍ୟକ।

ମଦ ନିଶାରେ ଜଣେ ବାପା ନିଜ ଛଅ କନ୍ୟାଙ୍କୁ କୁରାଢ଼ିରେ ହାଣି ହତ୍ୟା କଲା, ମଦନିଶାରେ ଜଣେ ବ୍ୟକ୍ତି ନିଜ ଘରେ ନିଆଁ ଲଗେଇ ଦେଲା... । ଖବରକାଗଜରେ ପ୍ରକାଶିତ ଏଭଳି ବିଭିନ୍ନ ଖବର ପଢ଼ିଲାବେଳେ ମନେହୁଏ, ଆମେ ବିକାଶର ପାହାଚ ଉପରେ ଚଢୁଛୁ ନା ଆମେ ଏଭଳି ଏକ ଯୁଗ ମଧ୍ୟକୁ ଅଗ୍ରସର ହେଉଛୁ, ଯିଏ ଆମକୁ ଘୋର ଅନ୍ଧକାର ଦିଗକୁ ଯିବାପାଇଁ ବାଧ୍ୟ କରୁଛି। ତେଣୁ ଆଜିର ସମୟକୁ ଆଦିମ ଯୁଗ କୁହାଯିବା ଅଧିକ ପ୍ରାସଙ୍ଗିକ ହେବ। କାରଣ ଗୋଟିଏପଟେ ଆମେ ନଭଶ୍ଚୁମ୍ବୀ ଅଟ୍ଟାଳିକା ନିର୍ମାଣ କରି, ପାହାଡ଼ର ଛାତି ଚିରି ସଡ଼କପଥ ଓ ରେଳପଥ ନିର୍ମାଣ କରି, ସଡ଼କ ଉପରେ ଅସଂଖ୍ୟ ଛୋଟ ବଡ଼ ଯାନ ଚଳାଇ, ଅତଳ ସମୁଦ୍ର ଗର୍ଭରୁ ଖଣିଜ ପଦାର୍ଥ ଉତୋଳନ କରି, ଆକାଶର ହୃଦୟ ମଧ୍ୟରେ ଗ୍ରହ ନକ୍ଷତ୍ରଙ୍କୁ ଖୋଜି ବୁଲି, ଜୀବନ ରକ୍ଷକ ଔଷଧ ଉଦ୍ଭାବନ କରି, ଅଣୁ ଅବା ପରମାଣୁ ବୋମା ଭଳି ବିନାଶକ ସାମଗ୍ରୀ ତିଆରି କରି ଆମେ ବିକାଶର ଡିଣ୍ଡିମ ପିଟି ଚାଲିଛେ।

ଅନ୍ୟପଟେ ମଦ୍ୟପାନ ଯୋଗୁଁ ପ୍ରତିଦିନ ଆମ ସମାଜରେ ସହସ୍ର ଘଟଣା ଓ ଦୁର୍ଘଟଣା ସହ ବୀଭତ୍ସ କାଣ୍ଡ ଘଟିଚାଲିଛି। ଅଥଚ ଆମେ ମାଦକଦ୍ରବ୍ୟର ବ୍ୟବସାୟ ଏବଂ ଉଦ୍ୟୋଗ ଗଢ଼ି ଚାଲିଛେ। ଏହାଦ୍ୱାରା ମାଦକଦ୍ରବ୍ୟର ଠିକା ନେଉଥିବା ଏବଂ ଏହାକୁ ତିଆରି କରୁଥିବା ତଥା ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଆୟ ବୃଦ୍ଧି ହେଉଛି। ଏମାନେ ମାଲାମାଲ୍ ହେଉଛନ୍ତି ସତ, କିନ୍ତୁ ଏହାକୁ ଗ୍ରହଣ ବା ସେବନ କରୁଥିବା ଲୋକଙ୍କ ଜୀବନ ବିପଦ ମୁହଁକୁ ଟାଣି ହୋଇଯାଉଛି। ଏମାନଙ୍କ ମଧ୍ୟରୁ ୪୦%ରୁ ଊର୍ଦ୍ଧ୍ୱର୍ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଅନେକେ ରିକ୍ସାଚାଳନା କରି ଅବା କୁଲି ମଜୁରି କରି ଜୀବିକା ନିର୍ବାହ କରନ୍ତି। ନିଶା ସେବନ ଦ୍ୱାରା ଏମାନେ ଏକାଧିକ ରୋଗରେ ଆକ୍ରାନ୍ତ ହେବା ସହ ଋଣଭାରରେ ବୁଡ଼ି ରହୁଛନ୍ତି। ପୁଣି ନିଜ ପରିବାରକୁ ନର୍କପୁର ସମ କରିବାରେ ଏମାନେ କୌଣସି ଅବସର ଛାଡ଼ନ୍ତି ନାହିଁ। ଏଥିପାଇଁ ହିଁ ଚିକିତ୍ସାଳୟମାନଙ୍କରେ ଆଜି ଅଯଥା ଭିଡ଼ ହେଉଛି। ଭାରତରେ ଆଜି ମାଦକଦ୍ରବ୍ୟର କାରବାର ଦ୍ରୁତଗତିରେ ବଢ଼ିଚାଲିଛି। ଏହାର ବଳୟ ମଧ୍ୟକୁ ପ୍ରତ୍ୟେକ ବୟସ ଓ ବର୍ଗର ଲୋକ ବିନା ଦ୍ୱିଧାରେ ପ୍ରବେଶ କରିଚାଲିଛନ୍ତି। ମଦ୍ୟପାନ ତଥା ମାଦକଦ୍ରବ୍ୟ ସେବନ ଆଜି କାହାପାଇଁ ଅଭ୍ୟାସ ପାଲଟିଛି ତ ଆଉ କାହାପାଇଁ ଆଭିଜାତ୍ୟ ସହ ଆଧୁନିକତାର ପ୍ରତୀକ ସାଜିଛି। କେହି କେହି ଅବସାଦରୁ ମୁକ୍ତିପାଇଁ ତଥା ଦୁଃଖ ଭୁଲିବା ପାଇଁ ଏପରି କରନ୍ତି ବୋଲି ସଫେଇ ଦିଅନ୍ତି। ହେଲେ ସେମାନେ ଭୁଲି ଯାଉଛନ୍ତି ଯେ, ସେହି ମଦିରା ଅବା ମାଦକଦ୍ରବ୍ୟ ହିଁ ସମୟକ୍ରମେ ସେମାନଙ୍କ ବହୁମୂଲ୍ୟ ଜୀବନ ନେବାକୁ ପଛାଇବ ନାହିଁ। ଜାଣିରଖିବା ଉଚିତ୍ ଯେ, ମଦ୍ୟପାନ କରି ବା ଡ୍ରଗ୍ ?ସ ସେବନ କରି କେହି କେବେ ସଆଦତ ହସନ ଅବା ମିର୍ଜା ଗାଲିବ କିମ୍ବା ଖୁସବନ୍ତ ସିଂଙ୍କ ଭଳି କଳ୍ପନା ଦୁନିଆରେ ବୁଡ଼ିରହି ଖ୍ୟାତି ଅର୍ଜନ କରିପାରିବେ ନାହିଁ। ଏହା ହେଉଛି ଏପରି ଏକ ପର୍ଯ୍ୟାୟ ଯେଉଁଥିରେ ମନୁଷ୍ୟ ନିଶାକୁ ପିଏନାହିଁ ବରଂ ନିଶା ତାକୁ ପିଇଚାଲେ।

ପ୍ରକୃତରେ ମାଦକଦ୍ରବ୍ୟର ନିଶାଠାରୁ ଦୂରେଇ ରହି ନିଜ କର୍ତବ୍ୟ, କାର୍ଯ୍ୟକ୍ରମ ଓ ସଙ୍ଘର୍ଷ ପ୍ରତି ନିଶା ବଢ଼ିଲେ ମନୁଷ୍ୟ ପାଇଁ ଶ୍ରେୟସ୍କର ହେବ। କିନ୍ତୁ ଆଜିର ଯୁବପିଢ଼ି ମଦ୍ୟପାନ ତଥା ନିଶା ସେବନ ସହ ଅଧିକ ମାତ୍ରାରେ ଜଡ଼ିତ ରହୁଛନ୍ତି। ଏମାନେ ଭାବୁଛନ୍ତି, ପୃଥିବୀର ଏକମାତ୍ର ଜିନିଷ ହେଉଛି ନିଶା, ଯାହା ସେମାନଙ୍କୁ ଆନନ୍ଦ ଦେଇପାରିବ। ପୁଣି ଜୀବନ ଯୁଦ୍ଧ ପାଇଁ ନିଶା ହିଁ ଉତ୍ସାହ ଯୋଗାଇ ଦେବ। ଦୁନିଆର ପ୍ରତ୍ୟେକଟି ସମସ୍ୟାରୁ ନିଶା ହିଁ ଏମାନଙ୍କୁ ମୁକ୍ତି କରାଇବ। ଏମାନଙ୍କର ଏଭଳି ଚିନ୍ତାଧାରା ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ। ଜାଣିରଖିବା ଉଚିତ ଯେ, ମଦ ଅବା ନିଶାଦ୍ରବ୍ୟ କୌଣସି ପରିସ୍ଥିତିରେ ଆମ ସଫଳତା ଅବା ବିଫଳତା କିମ୍ବା ଉଦାସୀନତାର ପ୍ରତୀକ ହୋଇପାରେନା। ଏହା ଶରୀରକୁ କେବଳ ରୋଗାକ୍ରାନ୍ତ ଓ ନିସ୍ତେଜ କରିପାରେ। ଶରୀରକୁ ଯନ୍ତ୍ରଣା ଦେଇପାରେ। ଜୀବନକୁ ନିଶ୍ଚିହ୍ନ କରିଦିଏ। ଏହା କଦାପି ଜୀବନର ମାନକ ସାଜିପାରିବ ନାହିଁ।

ବିଗତ ଦିନରେ ମୁକ୍ତିଲାଭ କରିଥିବା ହିନ୍ଦୀ ଚଳଚ୍ଚିତ୍ର 'କବୀର ସିଂ'ର ନାୟକ ପେଷାରେ ଯଦିଓ ଜଣେ ଡାକ୍ତର, କିନ୍ତୁ ସେ ଜଣେ ନିଶାସକ୍ତ ତଥା କ୍ରୋଧିତ ପ୍ରକୃତିର ବ୍ୟକ୍ତି ଥିଲା। ଯାହାର ସମସ୍ତ ସମସ୍ୟାର ଏକମାତ୍ର ସମାଧାନ ଥିଲା ମଦ୍ୟପାନ ଓ ଡ୍ରଗ୍‌ସ ସେବନ। ଏକଥା ସତ୍ୟ ଯେ, ଚଳଚ୍ଚିତ୍ରରେ ପ୍ରଦର୍ଶିତ ଏଭଳି ଚରିତ୍ର ଯୁବକମାନଙ୍କୁ ନିଶା ପ୍ରତି ଆକର୍ଷିତ କରୁଛି ବା କରୁଥିବ। ଯୁବକମାନେ କବୀର ସିଂ ହେବାକୁ ଚାହୁଁଛନ୍ତି। ତା' ଭଳି ଜୀବନ ଜିଇଁବାକୁ ଆଗ୍ରହ ରଖୁଛନ୍ତି। କିନ୍ତୁ ଚଳଚ୍ଚିତ୍ର ଜଗତ ଏବଂ ବାସ୍ତବ ଦୁନିଆ ମଧ୍ୟରେ ଥିବା ଆକାଶ ପାତାଳର ପ୍ରଭେଦକୁ ଯୁବଗୋଷ୍ଠୀ ଆଦୌ ବୁଝିପାରନ୍ତି ନାହିଁ। ବାସ୍ତବିକ ଅଢ଼େଇ ଘଂଟାର ଏଭଳି ଚଳଚ୍ଚିତ୍ର ଆମକୁ ମନୋରଞ୍ଜନ ଦେଇପାରେ, କିନ୍ତୁ ସେସବୁ ଚରିତ୍ର ଜୀବନ ସଂଗ୍ରାମରେ ଆମ ସହ କଦାପି ସାମିଲ ହୋଇପାରିବେ ନାହିଁ। ଆମ ପାଦ ସହ ପାଦ ମିଳାଇ ଚାଲିପାରିବେ ନାହିଁ। ଜୀବନ ଯୁଦ୍ଧରେ ସ୍ୱୟଂକୁ ହିଁ ଲଢିବାକୁ ପଡ଼ିବ। ଯାହା କେବଳ ମଦ୍ୟପାନ ତଥା ନିଶା ସେବନ ବିନା ସମ୍ଭବ।

ସେହିଭଳି ବିଗତ ଦିନରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପାଇଁ ଏକାଧିକ ସେଲିବ୍ରିଟି ଏବଂ ପରେ ପରେ ଲୋକପ୍ରିୟ ଟେଲିଭିଜନ ଅଭିନେତ୍ରୀ ଭାରତୀ ସିଂ ଡ୍ରଗ୍‌ସ ସେବନ ତଥା ନିଜ ପାଖରେ ଡ୍ରଗ୍ ?ସ ରଖିବା ଅଭିଯୋଗରେ ଗିରଫ ହୋଇଥିଲେ। ସେତେବେଳେ ଏହି ବିଷୟ ସାରା ଦେଶରେ ଡ୍ରଗ୍ ?ସର ବିତର୍କକୁ ଜୋରଦାର କରିଥିଲା। ଏହି ବିତର୍କ ଏବେ ଘରେ ଘରେ ପହଂଚିଛି। କାହିଁକି ବା ନ ପହଂଚିବ ଏହି ବିଷୟରେ ବିତର୍କ ହେବା ନିହାତି ଆବଶ୍ୟକ। କାରଣ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କିନ୍ତୁ କେବଳ ତର୍କ ବିତର୍କ ଦ୍ୱାରା ତାହା ଯଥେଷ୍ଟ ହେବନାହିଁ କିମ୍ବା ସମସ୍ୟାର ସମାଧାନ ଆଣିଦେବ ନାହିଁ। ଏଥିପାଇଁ ଆମ ନିଜକୁ ଓ ସର୍ବୋପରି ସମାଜକୁ ଠିକ୍‌ଭାବରେ ନିଜ ଦାୟିତ୍ୱ, କର୍ତବ୍ୟ ଓ ଭୂମିକା ତୁଲାଇବାକୁ ହେବ। ସମସ୍ତେ ଜାଣନ୍ତି, ଡ୍ରଗ୍‌ସ ଏବଂ ଡ୍ରଗ୍‌ସ ମାଫିଆଙ୍କ ସହ ବଲିଉଡ୍‌ର ସଂଯୋଗ ବହୁ ପୁରାତନ। ଏ ବିଷୟରେ ଟିକିନିଖି ଖବର ଗଣମାଧ୍ୟମରେ ପ୍ରସାରିତ ହେଉଛି। ଏ ବାବଦରେ ଅନେକ ବଡ଼ ବଡ଼ ସେଲିବ୍ରିଟିଙ୍କୁ ମଧ୍ୟ ପ୍ରଶ୍ନ କରାଯାଇଛି, ଏହାର ତଦନ୍ତ ବି ଚାଲିଛି।

ଦେଶର ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ ମଧ୍ୟ ନିଜ କାର୍ଯ୍ୟ କରିଚାଲିଛି। ବଲିଉଡ୍ ସେଲିବ୍ରିଟିଙ୍କୁ ନିଶାସକ୍ତ ଅବସ୍ଥାରେ ଧରାଯିବା ଏକ ଆଶ୍ଚର୍ଯ୍ୟଜନକ କଥା ନୁହେଁ। କିନ୍ତୁ ଦେଶର ବୃହତ୍ ଯୁବଗୋଷ୍ଠୀ ଏମାନଙ୍କୁ ଅନୁସରଣ କରୁଥିବାରୁ ଏକଥା ଆମ ପାଇଁ ଚିନ୍ତାର ବିଷୟ ପାଲଟିଛି। କାରଣ ଏହି ଯୁବଗୋଷ୍ଠୀ ଉକ୍ତ ସେଲିବ୍ରିଟିଙ୍କ ଭଳି ହେବାକୁ ଚାହାଁନ୍ତି। ସେଲିବ୍ରିଟିମାନେ ଆମ ଦେଶର ଏକ ବଡ଼ବର୍ଗଙ୍କ ପ୍ରତିନିଧିତ୍ୱ କରନ୍ତି। ଏମାନେ ହେଉଛନ୍ତି ଅନେକ ଲୋକଙ୍କ ପ୍ରେରଣାର ଉତ୍ସ। ଏମାନେ ଡ୍ରଗ୍‌ସ ସେବନ କିମ୍ବା ମଦ୍ୟପାନରେ ଜଡ଼ିତ ଥିବା ଜଣାପଡ଼ିଲେ, ତାହା ଖବରକାଗଜର ଶିରୋନାମା ପାଲଟିଯାଏ। ଏଭଳି ସ୍ଥିତିରେ ଯୁବକମାନେ କିପରି ଏବଂ କେଉଁ ଆଧାରରେ ସେମାନଙ୍କୁ ନିଜ ପ୍ରେରଣାଦାୟକ ଭାବେ ବିଚାର କରିବେ? ଅଭିନେତ୍ରୀ ଭାରତୀ ସିଂ, ଡ୍ରଗ୍‌ସ ନେବା ଓ ଏହି କାର୍ଯ୍ୟରେ ଲିପ୍ତ ରହିବା ଅନେକଙ୍କୁ ଚକିତ କରିଥିଲା! ଜଣେ ସରଳ ଏବଂ ନିର୍ବୋଧ ଝିଅକୁ ଏଭଳି ସ୍ଥିତିରେ ଦେଖିବା ପରେ, ପ୍ରଶଂସକଙ୍କ ମନରେ ଭାରତୀଙ୍କ ଛବି କିଭଳି ଥିବ ତାହା ବୁଝିପାରୁଥିବେ। ଏସବୁ ଘଟଣା ଜଣାଇଦେଇଛି, ବଲିଉଡ୍‌ରେ ସବୁକିଛି ଚାଲିଛି! ସେ ଛୋଟ ହୁଅନ୍ତୁ କି ବଡ଼, ସେଲିବ୍ରିଟିମାନେ ସତରେ କ'ଣ ନିଶା ସେବନ କରନ୍ତି? ଯଦି ହଁ, ତେବେ ସମାଜରେ ସେମାନଙ୍କର ଭାବମୂର୍ତ୍ତି କିପରି ଥିବ ତାହା ହୃଦୟଙ୍ଗମ କରିପାରୁଥିବେ।

ସମୁଦ୍ର ଭିତରେ କ୍ରୁଜ୍ ଜାହାଜରେ ଡ୍ରଗ୍‌ସ ପାର୍ଟିର ମଜା ନେଉଥିବା ବେଳେ କିଙ୍ଗ୍ ଖାନଙ୍କ ପୁଅ ଆରୟନ ନାର୍କୋଟିକ୍ କଂଟ୍ରୋଲ ବ୍ୟୁରୋ ହାତରେ ଧରାପଡ଼ିଛି। ଯେଉଁ କିଙ୍ଗ୍ ଖାନ୍ ଦେଶର ଲକ୍ଷ ଲକ୍ଷ ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ସରଳ ଓ ସୁବିଧାରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ବାର୍ତା ବାଂଟି ଚାଲିଛନ୍ତି, ତାଙ୍କରି ସୁପୁତ୍ର ଏଭଳି ଅପକର୍ମ ହେତୁ ଗିରଫ ହେବା ସମାଜ ପାଇଁ ଶୁଭଙ୍କର ନୁହେଁ। ଆସନ୍ତାକାଲି ଏହାର ପରିସରକୁ ଅନ୍ୟ କେହି ବି ଆସିପାରନ୍ତି। ଯେଉଁମାନେ ଏମାନଙ୍କୁ ପସନ୍ଦ କରୁଛନ୍ତି ବା କରୁଥିଲେ, ସେମାନେ ଏମାନଙ୍କ ଦ୍ୱାରା ପ୍ରତାରିତ ହେଲେ ବୋଲି ଧରାଯିବ। ବଲିଉଡର ସେଲିବ୍ରିଟିମାନେ ଏହା ଉପରେ ବିଚାର କରିବା ଆବଶ୍ୟକ। ସେମାନଙ୍କର ମଧ୍ୟ ସମାଜ ପ୍ରତି ଗୁରୁ ଦାୟିତ୍ୱ ରହିଛି।

ଏକଥାକୁ ସେଲିବ୍ରିଟିମାନେ ଭୁଲିଯିବା ଆଦୌ ଉଚିତ୍ ନୁହେଁ। କାରଣ ସମାଜ ମଧ୍ୟ ସେମାନଙ୍କଠାରୁ ବହୁତ କିଛି ଶିଖେ ଏବଂ ସେମାନଙ୍କ ପରି ହେବାକୁ ଚାହେଁ। ମଦ, ମାଦକଦ୍ରବ୍ୟ ଅବା ଡ୍ରଗ୍‌ସ କେବଳ ରୋଗ ସୃଷ୍ଟିକାରୀ ନୁହେଁ ବରଂ ଜୀବନ ବିନାଶକ। ନିଶା ସେବନ ଉଭୟ ଉଦାସୀନତା ଏବଂ ଆତ୍ମହତ୍ୟା ପ୍ରବଣତାକୁ ବଢ଼ାଇଥାଏ। ଯୁବପିଢି ଯେଭଳି ଏହାର ବଳୟ ମଧ୍ୟକୁ ପ୍ରବେଶ ନକରନ୍ତି ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ରହିବା। ଆଜି ପାଖାପାଖି ୧୬କୋଟି ଭାରତୀୟ ମଦ୍ୟପାନ କରୁଛନ୍ତି, ଯାହା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍‌ସ)ର ନ୍ୟାସନାଲ୍ ଡ୍ରଗ୍‌ସ ନିର୍ଭରଶୀଳ ଚିକିତ୍ସା ବିଭାଗ ନିଜ ରିପୋର୍ଟରେ ଉଲ୍ଲେଖ କରିଛି।

କାହିଁ କେଉଁ କାଳରୁ ଆମ ସମାଜରେ ସୋମରସ ବା ମଦ'ର ପ୍ରଚଳନ ରହିଆସିଛି। ପୂର୍ବରୁ ଏହା ଆଭିଜାତ୍ୟର ପ୍ରତୀକ ଥିଲା। କେବଳ ରାଜା, ମହାରାଜା, ନବାବଙ୍କ ଭଳି କ୍ଷମତାସମ୍ପନ୍ନ ଲୋକେ ଏହାକୁ ପାନ କରୁଥିଲେ। ପୁଣି ଏହାର ଏକ ନିର୍ଦ୍ଦିଷ୍ଟ ସୀମା ଥିଲା। ହେଲେ ଆଜି କିନ୍ତୁ ଗରିବରୁ ଗରିବତମ ବ୍ୟକ୍ତି ଏହାକୁ କେବଳ ପାନ କରୁନାହାଁନ୍ତି ବରଂ ନିଜ ସୀମାକୁ ଅତିକ୍ରମ କରି ଚାଲିଛନ୍ତି। ଅର୍ଥାତ୍ ନିଶା ସେବନ କରି ମାରପିଟ୍, ଗଣ୍ଡଗୋଳ, ଦଙ୍ଗା ଆଦି ଭିଆଉଛନ୍ତି। ମଦ ନିଶାରେ କିଏ ନିଜ ପତ୍ନୀ ଓ ପିଲାଛୁଆଙ୍କୁ ପିଟିଲାଣି ତ ଆଉ କିଏ ଏମାନଙ୍କ ଜୀବନ ନେଲାଣି। ନିଶା ଯୋଗୁଁ କେହି କେହି ନିଜ ଗାଡ଼ିକୁ ଅନ୍ୟ ଗାଡ଼ି ସହ ଧକ୍କା ଦେଲାଣି। ଏହି ମଦ ଅବା ମାଦକଦ୍ରବ୍ୟ ମନୁଷ୍ୟଙ୍କ ମଧ୍ୟରେ ଆଜି ଦୂରତ୍ୱ ବଢ଼ାଇ ଚାଲିଛି। ଏହା ମନୁଷ୍ୟଙ୍କ ମଧ୍ୟରେ ଘୃଣା, ଦ୍ୱେଷ ଓ ଈର୍ଷାଭାବ ସୃଷ୍ଟି କରୁଛି। ଲୋକଙ୍କୁ ଦାରିଦ୍ର୍ୟ ଓ ଅନାହାର ଦିଗକୁ ଟାଣିନେଉଛି। ସାଥେ ସାଥେ ଅଜଣା ରୋଗରେ ଆକ୍ରାନ୍ତ କରାଉଛି। ମଦ୍ୟପାନର ଏସବୁ ଚିତ୍ର ଅତି ଭୟାନକ। ଏ ଦୃଷ୍ଟିରୁ ନିଶା ନିବାରଣକୁ ପ୍ରାଥମିକତା ଦେବା ଏକ ଜନମଙ୍ଗଳକାରୀ ସରକାରଙ୍କ ଧ୍ୟେୟ ହେବା ଆବଶ୍ୟକ। ନିଶାଦ୍ରବ୍ୟ ଅବା ମାଦକଦ୍ରବ୍ୟର ପ୍ରଚାର ପ୍ରସାରରୁ ସରକାର ଯେତିକି ଲାଭ ପାଆନ୍ତି, ତାହାଠାରୁ ଅଧିକ ପରିମାଣର ଅର୍ଥ ଏଥି ସମ୍ପର୍କିତ ଦୁର୍ଘଟଣା ଓ ସ୍ୱାସ୍ଥ୍ୟଗତ କାରଣ ପାଇଁ ଖର୍ଚ୍ଚ କରୁଛନ୍ତି। ସର୍ବୋପରି ଏସବୁ ମାଦକଦ୍ରବ୍ୟ ବା ନିଶାଦ୍ରବ୍ୟ ପାଇଁ ସମାଜରେ ଯେଉଁସବୁ ଅସ୍ଥିରତା ସୃଷ୍ଟି ହେଉଛି ଏବଂ ସମାଜ ଯେଉଁଭଳି କଳୁଷିତ ହେଉଛି, ତାହାର କଳନା କରିବା ଆମ ପକ୍ଷେ ସମ୍ଭବ ନୁହେଁ।

# ସଙ୍କଟରେ ପିଆଜ ଚାଷୀ

ଜୟନ୍ତ ପଟ୍ଟନାୟକ

ଅଭାବୀ ବିକ୍ରି ଏବଂ ଆହୁରି ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଚାଷୀ ରାସ୍ତାରେ ଓ ପାଣିରେ ଟମାଟୋ ଢାଳିଦେବା ବା ଫସଲଭର୍ତି ବନ୍ଧାକୋବି କିଆରିରେ ଟ୍ରାକ୍ଟର ଚଳାଇଥିବା ବା ଦୁଗ୍ଧଚାଷୀମାନେ କ୍ଷୀରର ଉଚିତ୍ ମୂଲ୍ୟ ନପାଇ ରାସ୍ତାରେ ବା ପାଣିରେ ଢାଳିଦେବା ଆପଣମାନେ ନିଶ୍ଚୟ ଶୁଣିଥିବେ ଓ ଦେଖିଥିବେ। ହାଡ଼ଭଙ୍ଗା ପରିଶ୍ରମ କରି ଫଳାଇଥିବା ଫସଲ ବା ଉତ୍ପାଦ ଉଜୁଡ଼େଇ ଦେବା ବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କେତେ କଷ୍ଟ ହେଉଥିବ ଚିନ୍ତା କରାଯାଇ ପାରେନା। ସେତିକି ବାଧିବାରୁ ସେ ବାଧ୍ୟ ହେଲା ସେପରି କରିବାକୁ। ଠିକ୍ ଏମିତି ହୋଇଛି ଏବର୍ଷ ମହାରାଷ୍ଟ୍ରର ପିଆଜ ଚାଷୀଙ୍କ କ୍ଷେତ୍ରରେ। ବିଶ୍ୱତାପନ ହେତୁ ଅସନ୍ତୁଳନ ପାଣିପାଗ (ଉତାପ ବୃଦ୍ଧି) ଓ ଆସନ୍ନ ବର୍ଷାକୁ ଡରି ମହାରାଷ୍ଟ୍ର ପିଆଜ ଚାଷୀ ବିଳମ୍ବ-ଖରିଫ ପିଆଜ ଫସଲକୁ ଶୀଘ୍ର ଅମଳ କରିଦେଲେ। ଏହି ସମୟରେ ଖରିଫ ପିଆଜ ଫସଲ ବଜାରରେ ଅଛି। ପିଆଜ କ୍ୱିଂଟାଲ ୧୦୦୦ ଟଙ୍କା ଥିଲା। ଦର କମି କ୍ୱିଂଟାଲ୍ ପିଛା ୫୦୦ ରୁ ୭୦୦ ଟଙ୍କା ହୋଇଗଲା। ବର୍ତମାନ ସେଥିରେ ସାମାନ୍ୟ ବୃଦ୍ଧି ଘଟିଛି।

ମହାରାଷ୍ଟ୍ର ନାସିକ ଜିଲ୍ଲାର ୟେଓଲା ତାଲୁକର ମାଥୁଲଥାନ ଗାଁର ଚାଷୀ କ୍ରିଷ୍ଣା ଭଗବାନ ଡୋଙ୍ଗେ ୧.୫ ଏକର ଜମିରେ ୪ମାସ ପରିଶ୍ରମ କରି ପିଆଜ ଚାଷ କରିଥିଲେ। ଅମଳ ମଧ୍ୟ ଭଲ ହୋଇଥିଲା। ସେ ସେଥିରେ ୧.୫ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ଓ ମଣ୍ଡି ପର୍ଯ୍ୟନ୍ତ ପରିବହନ ନିମନ୍ତେ ଆଉ ୩୦,୦୦୦ ଟଙ୍କା ରଖିଥିଲେ। ଯେତେବେଳେ ସିଏ ଦେଖିଲେ ସମୁଦାୟ ପିଆଜ ବିକିଲେ ତାଙ୍କୁ ୨୫,୦୦୦ ଟଙ୍କା ମାତ୍ର ମିଳିବ ସେ କୌଣସି ଆଡ଼େ ବିକିବାକୁ ନ ଯାଇ ପିଆଜ କ୍ଷେତରେ ନିଆଁ ଲଗାଇବାକୁ ଚିନ୍ତା କଲେ। ଏତେ ପରିଶ୍ରମ କରି ଏତେ ପଇସା ଖର୍ଚ୍ଚ କରି କରିଥିବା ଫସଲକୁ ଜଳାଇବା, ଆତ୍ମାକୁ ସେତିକି ନବାଧିଲେ କରିହେବନି। ତଦନୁଯାୟୀ କ୍ରିଷ୍ଣା ନିଜ ରକ୍ତରେ ଏକ ଚିଠି ଲେଖି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେଥିରେ ସେ ଲେଖିଥିଲେ – '୧୫ ଦିନ ପରେ ଅନୁଷ୍ଠିତ ହେବାକୁ ଥିବା ଏହି ପିଆଜ ଫସଲ ଜ୍ୱଳନ କାର୍ଯ୍ୟକ୍ରମ(ହୋଲିକା ଦହନ ଦିନ- ବନ ଅଗ୍ନି ସହ ତୁଳନୀୟ)କୁ ଆଖିରେ ଦେଖି ଯାଆନ୍ତୁ। ତା'ହେଲେ ଯାଇ ଆପଣ ଅନୁଭବ କରିପାରିବେ ମୁଣ୍ଡଝାଳ ତୁଣ୍ଡରେ ମାରି, ପେଟରୁ କାଟି, ଏତେ ପଇସା ଖର୍ଚ୍ଚ କଲାପରେ ମଧ୍ୟ ଚାଷୀର ଅବସ୍ଥା(ଦୁରବସ୍ଥା)କ'ଣ?' ମାର୍ଚ୍ଚ ୪ତାରିଖରେ ସେ ତାଙ୍କ ପିଆଜ କିଆରିରେ ଅଗ୍ନି ସଂଯୋଗ କଲାବେଳେ ଶହ ଶହ ଅନ୍ୟ ଚାଷୀ ଦେଖୁଥିଲେ। ସମସ୍ତଙ୍କର ଅବସ୍ଥା ପ୍ରାୟ ସମାନ। କିଏ କାହାକୁ ଆଶ୍ୱାସନା ଦେବ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କ୍ରିଷ୍ଣା କହିଛନ୍ତି, ୧୫ ଦିନ ସମୟ ଥିଲା। ମାତ୍ର ନା କେନ୍ଦ୍ର ନା ରାଜ୍ୟସରକାର କେହି ହେଲେ ଏଦିଗରେ କୌଣସି ପଦକ୍ଷେପ ନେଲେ ନାହିଁ କି ଏତେ ବଡ଼ ପଦକ୍ଷେପ କାହିଁକି ନେବ ବୋଲି କେହି ପଚାରିଲେ ନାହିଁ।

ସେହିଭଳି ମହାରାଷ୍ଟ୍ର ସୋଲାପୁର ଜିଲ୍ଲାର ବରଗାଁଓ ଗ୍ରାମର ପିଆଜ ଚାଷୀ ରାଜେନ୍ଦ୍ର ତୁକାରାମ ଚମନ(୫୮), ତାଙ୍କର ଅମଳ ୫୧୨ କେଜି ପିଆଜ ବିକିବାକୁ ୭୦କି.ମି. ଦୂର ସୋଲାପୁର ଗଲେ ୨୪ ଫେବୃଆରୀରେ। ସବୁ ଫସଲ ବିକି ସାରିବା ପରେ ତାଙ୍କୁ ୨ ଟଙ୍କା ୪୯ପଇସାର ଏକ ଚେକ୍ ମିଳିଛି। ଚେକ ବିଷୟ ବୁଝାଇବାକୁ ଯାଇ ସୋଲାପୁର କୃଷିଜାତ ଦ୍ରବ୍ୟ ବିପଣନ କମିଟି କହିଛନ୍ତି, ବର୍ତମାନର ଦର ଅନୁସାରେ ତାଙ୍କର ମୋଟ ପ୍ରାପ୍ୟ ହେଲା ୫୧୨ ଟଙ୍କା। ସେଥିରୁ ପରିବହନ, ମୁଣ୍ଡରେ ଚଢ଼ାଇବା, ଲଦିବା ବାବଦକୁ ୫୦୯ ଟଙ୍କା ୫୦ ପଇସା କଟିବା ପରେ ତାଙ୍କୁ ୨ଟଙ୍କା ୪୯ପଇସାର ଚେକ୍ ଦିଆଯାଇଛି। ଡିଜିଟାଇଜେସନ ପରେ ଅନେକଙ୍କୁ ଏମିତି କମ୍ ପରିମାଣର ଚେକ୍ ଦିଆଯାଇଛି। ଏ ଘଟଣାପରେ ପ୍ରତିକ୍ରିୟା ପ୍ରକାଶ କରି ମହାରାଷ୍ଟ୍ରର ଅନେକ ଚାଷୀ ପ୍ରଶ୍ନ କରିଛନ୍ତି, ଆମ ପାଖରେ ଆତ୍ମହତ୍ୟା ବ୍ୟତୀତ ଆଉ କ'ଣ ବିକଳ୍ପ ଅଛି କି?

ଚଳିତବର୍ଷ କେବଳ ମହାରାଷ୍ଟ୍ର ନୁହେଁ ଅନ୍ୟ ପିଆଜ ଉତ୍ପାଦିତ ରାଜ୍ୟଗୁଡ଼ିକରେ ମଧ୍ୟ ଭଲ ଅମଳ ହୋଇଛି। ମହାରାଷ୍ଟ୍ରର ଲସଲଗାଁଓ(ରସୁଣର ଗାଁ) ଏସିଆର ସର୍ବବୃହତ ପିଆଜ/ରସୁଣ ମଣ୍ଡିକୁ ପ୍ରତ୍ୟହ ୧୫,୦୦୦ କ୍ୱିଂଟାଲ ବଦଳରେ ବର୍ତମାନ ୩୦,୦୦୦ କ୍ୱିଂଟାଲ ଆସୁଛି। ଫଳରେ କ୍ୱିଂଟାଲ ପ୍ରତି ୧,୮୫୦ ଟଙ୍କାରୁ ଖସି ଆସିଛି ୫୫୦ ଟଙ୍କା ପର୍ଯ୍ୟନ୍ତ। ଏହାର ପ୍ରତିବାଦ ସ୍ୱରୂପ ମହାରାଷ୍ଟ୍ର ରାଜ୍ୟ କାନ୍ଦା(ପିଆଜ)ଉତ୍ପାଦକ ସଂଗଠନର ପିଆଜ ଚାଷୀମାନେ ଏକତ୍ର ହୋଇ ଲସଲଗାଁଓ(ନାସିକ)କୃଷିଜାତ ଦ୍ରବ୍ୟ ବିପଣନ ସମିତି ମଣ୍ଡିରେ ନିଲାମ ପ୍ରକ୍ରିୟା ବନ୍ଦ କରିଦେଇଥିଲେ। ଅନ୍ୟପକ୍ଷରେ ପିଆଜର ସର୍ବନିମ୍ନ ଦର ପ୍ରତିବାଦରେ ଗତ ଫେବୃଆରୀ ୨୮ ତାରିଖରେ ମହାରାଷ୍ଟ୍ର ବିଧାୟକମାନେ ମୁଣ୍ଡରେ ପିଆଜ ରଖି ବିଧାନସଭା ଆସିଥିଲେ। ପିଆଜର ସର୍ବନିମ୍ନ ଦର ବୃଦ୍ଧି ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ପିଆଜ ପଠାଇଯାଇଛି ଡାକରେ।

ପିଆଜ ଉତ୍ପାଦନରେ ଆମ ରାଜ୍ୟ ଓଡ଼ିଶା ସେତେଟା ସଫଳ ନହେଲେ ମଧ୍ୟ ଆଧୁନିକ ପ୍ରଯୁକ୍ତି ବିଦ୍ୟା ବ୍ୟବହାର କରି ବିଶ୍ୱ ପନିପରିବା କେନ୍ଦ୍ର ଓ ଉଦ୍ୟାନ କୃଷି ବିଭାଗର ସାହାଯ୍ୟରେ ଏଥିରେ ଢେର ଉନ୍ନତି ଆସିପାରିଛି। ଅଧୁନା ଆମ ରାଜ୍ୟରେ ବାର୍ଷିକ ଯେତିକି ପିଆଜ ଉତ୍ପାଦନ ହେଉଛି ଆମର ଚାହିଦାକୁ ଚାହିଁ ଯଥେଷ୍ଟ। ପ୍ରାୟ ସବୁ ଓଡ଼ିଆ ଖାଦ୍ୟରେ ପିଆଜ ରଖିବା ଏକ ନିତିଦିନିଆ ଅଭ୍ୟାସ। ତଥାପି ଆମର ବାର୍ଷିକ ଚାହିଦା ୨.୩୨ ଲକ୍ଷ ଟନ ଥିବାବେଳେ ଆମର ପ୍ରାୟ ୪ ଲକ୍ଷ ଟନ ପିଆଜ ଉତ୍ପାଦିତ ହେଉଛି। ପ୍ରତିବର୍ଷ ପିଆଜ ଚାଷଜମିର ପରିମାଣ ବଢ଼ି ବଢ଼ି ଚାଲିଛି। ମାତ୍ର ଶେଷରେ ଚାଷୀ ସେଇ ଅଭାବୀ ବିକ୍ରିର ସାମ୍ନା କରୁଛି। ଆମ ରାଜ୍ୟରେ ବର୍ତମାନ ୧୩୦ଟି ଶୀତଳଭଣ୍ଡାର ଥିବାର ସରକାର କହୁଥିଲେ ମଧ୍ୟ ପ୍ରକୃତରେ ୪୯ଟି କାର୍ଯ୍ୟକ୍ଷମ। ସେଥିରେ ପୁଣି ସବୁ ଶୀତଳଭଣ୍ଡାରରେ ସବୁପ୍ରକାର ଉତ୍ପାଦ ରଖିହେବ ନାହିଁ। ଏବେ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ ସୌରଶକ୍ତିଚାଳିତ ଶୀତଳଭଣ୍ଡାର ପ୍ରତିଷ୍ଠା କଥା ଘୋଷଣା କରିଛନ୍ତି। ଚଳିତବର୍ଷ ବଜେଟରେ କୃଷିର ଉନ୍ନତି ସକାଶେ ଅର୍ଥରାଶିକୁ ବଢ଼ାଇ ଦିଆଯାଇଛି। ବର୍ତମାନ ପିଆଜ ଅମଳହୋଇ ବଜାରକୁ ଆସିନାହିଁ। ମାତ୍ର ମୁଖ୍ୟତଃ ମହାରାଷ୍ଟ୍ର ନାସିକ ଓ ପଶ୍ଚିମବଙ୍ଗ ଶିବସାଗର ଜିଲ୍ଲାରୁ ପ୍ରତ୍ୟହ ପ୍ରଚୁର ପିଆଜ ଟ୍ରକ୍ ଭୁବନେଶ୍ୱର କୁବେରପୁରୀ ଆଳୁ/ପିଆଜ ମଣ୍ଡିକୁ ଆସୁଛି। ଚଳିତବର୍ଷ ଅମଳ ଭଲ ହୋଇଥିବାରୁ କୁବେରପୁରୀରେ ବଡ଼ପିଆଜ (ଉଲି)ର ପାଇକାରୀ ଦର କେଜି ପିଛା ୧୨ ଟଙ୍କା ଥିବା ବେଳେ ଖୁଚୁରା ବଜାରରେ ଦର ୨୫ ରୁ ୩୦ ଟଙ୍କା ରହୁଛି। ଖାଉଟି ଲାଭ ପାଉନାହିଁ। ତିରୋଟ ସମୟରେ ସେଇ ଚାଷୀ ଏବଂ ଆମେମାନେ କିଲୋ ପିଛା ୮୦ ଟଙ୍କା ଦରରେ କିଣିବା। ଅଭାବୀ ବିକ୍ରୀ ପିଆଜ ଚାଷୀର ମେରୁଦଣ୍ଡ ଭାଙ୍ଗିଦେଇ ତା' ଆଖିରୁ ଲୁହ ନିଗାଡ଼ି ଦିଏ। ଯୋଗାଣ ବିଭାଗର ଉଦାସୀନତା, ପଡ଼ୋଶୀ ବେପାରୀମାନଙ୍କ ଦୌରାତ୍ମ୍ୟ କାରଣରୁ ଖାଉଟି ଆଖିରୁ ମଧ୍ୟ ଲୁହ ଝରୁଛି।



## ହାପି ବାର୍ଥ ଡେ ନୋରା


ସଲମାନଙ୍କ ବିଗ୍ ବସ୍ ରିଆଲିଟି ସୋ ମାଧ୍ୟମରେ ନୋରା ଫତେହି ଚର୍ଚ୍ଚାରେ ରହିଥିଲେ। ବିଗ୍ ବସ୍ ସିଜିନ୍-୧୦ରେ, ନୋରା ୱାଇଲ୍ଡ କାର୍ଡରେ ଏଣ୍ଟ୍ରି କରିଥିଲେ । ହେଲେ ସେ ଏହି ଶୋ'ର ବିଜେତା ହୋଇନଥିଲେ। କିନ୍ତୁ ଏହା ତାଙ୍କ ଜୀବନର ମୋଡ଼ ବଦଳିଯାଇଥିଲା। ବଲିଉଡ ଇଣ୍ଡଷ୍ଟ୍ରି ତାଙ୍କର ଖାତା ଖୋଲି ଦେଇଥିଲା। ଆଜି ଯେତେବେଳେ ଫିଲ୍ମ ଇଣ୍ଡଷ୍ଟ୍ରିର ଟପ୍ ଡ୍ୟାନ୍ସର ବିଷୟରେ କଥାବାର୍ତ୍ତା କରାଯାଏ। ସେତେବେଳେ ନୋରାଙ୍କ ନାମ ପ୍ରଥମ ଆସେ । ନୋରା ବର୍ତ୍ତମାନ ଭାରତର ପ୍ରିୟ ଆଇଟମ୍ ଗର୍ଲ ପାଲଟିଛନ୍ତି । ନୋରା ଫତେହିଙ୍କ ଜନ୍ମଦିନ । ସେ ୬ ଫେବୃଆରୀ ୧୯୯୧ରେ କାନାଡାର କ୍ୟୁବେକ୍ ସହରରେ ଜନ୍ମଗ୍ରହଣ କରିଥିଲେ। ଆଜି ସେ ୩୧ ବର୍ଷ ପଦାର୍ପଣ କରିଛନ୍ତି। ହେଲେ ନୋରା ୨୦୧୪ ମସିହାରୁ ହିନ୍ଦୀ ସିନେମା ସହିତ ଜଡିତ ଅଛନ୍ତି। ୨୦୧୮ ଚଳଚ୍ଚିତ୍ର 'ସତ୍ୟମେବ ଜୟତେ'ର' ଦିଲବର ଦିଲବର୍ 'ଗୀତରେ ଧମାଲ କରିଥିଲେ। ଏହି ଗୀତ ପରେ ସେ ଦର୍ଶକଙ୍କ ହୃଦୟ ଏବଂ ମନକୁ କାବୁ କରିଥିଲେ। ଆପଣ ଜାଣି ଆଷ୍ଚର୍ଯ୍ୟ ହେବେ ଯେ ନୋରା ଯେତେବେଳେ କାନାଡାରୁ ଭାରତ ଆସିଥିଲେ, ସେତେବେଳେ ତାଙ୍କର ମାତ୍ର ୫ ହଜାର ଟଙ୍କା ଥିଲା, କିନ୍ତୁ ଆଜି ସେ ଜଣେ କୋଟିପତି । ଥରେ ନୋରା ତାଙ୍କ ସଂଘର୍ଷ ଦିନର କାହାଣୀକୁ ଏକ ସାକ୍ଷାତକାରରେ ପ୍ରକାଶ କରିଥିଲେ। ରିପୋର୍ଟ ଅନୁଯାୟୀ, ନୋରା କହିଥିଲେ ଯେ ଯେତେବେଳେ ସେ ଭାରତ ଆସିଲେ ସେତେବେଳେ ତାଙ୍କ ସହ ମାତ୍ର ୫୦୦୦ ଟଙ୍କା ନେଇ ମୁମ୍ବାଇରେ ପହଞ୍ଚିଥିଲେ। ତଥାପି, ଯେଉଁ ଏଜେନ୍ସି ସହିତ ସେ କାମ କରୁଥିଲେ, ସେ ସପ୍ତାହରେ ୩୦୦୦ ଟଙ୍କା ପାଉଥିଲେ। ୨୦୨୨ ମସିହାରେ, ଡ୍ୟାନ୍ସ ସେନସେସନ ନୋରାଙ୍କର ୩୯ କୋଟି ମୂଲ୍ୟର ସମ୍ପତ୍ତି ଅଛି। ଖବର ଅନୁଯାୟୀ, ନୋରା ଗୋଟିଏ ଡ୍ୟାନ୍ସ ପାଇଁ ନୋରା ୪୦ରୁ ୫୦ ଲକ୍ଷ ଟଙ୍କା ଆଦାୟ କରନ୍ତି। ଏଥି ସହିତ ସୋସିଆଲ ମିଡିଆରେ ବିଜ୍ଞାପନ ବାଣ୍ଟିବା ପାଇଁ ସେ ୫ ରୁ ୭ଲକ୍ଷ ଟଙ୍କା ନେଇଥାନ୍ତି। ଖବର ଅନୁଯାୟୀ ଗୁରୁ ରାନ୍ଧୱାଙ୍କ ଗୀତ 'ନାଚ ମେରୀ ରାନୀ' ପାଇଁ ନୋରା ୪୫ ଲକ୍ଷ ଟଙ୍କା ଆଦାୟ କରିଥିଲେ। ନୋରା ହେଉଛି ଭାରତର ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଡ୍ୟାନ୍ସର।

## ପ୍ରେମିକା ପାଇଁ ଚାଲିଲେ ୧୪୦୦ କି.ମି.




ସୋସିଆଲ ମିଡିଆରେ ଜଣେ ବ୍ୟକ୍ତିଙ୍କ ଭିଡିଓ ଭାଇରାଲ ହେଉଛି। ଏଥିରେ ଜଣେ ବ୍ୟକ୍ତି ଦାବି କରି କହିଛନ୍ତି କି, 'ପ୍ରେମ ଦିବସ ପୂର୍ବରୁ ଯେମିତି ହେଲେ ବି ମୋତେ ପ୍ରେମିକାଙ୍କ ପାଖରେ ପହଞ୍ଚିବାର ଅଛି। ଏଥିପାଇଁ ମୁଁ ୧୪୦୦ କିଲୋମିଟର ଯାତ୍ରା କରୁଛି। ୫ମାସ ପୂର୍ବରୁ ମୋର ପ୍ରେମିକାଙ୍କ ସହିତ ଟିକଟକ ଜରିଆରେ ଚିହ୍ନା ପରିଚୟ ହୋଇଥିଲା। ପ୍ରେମିକାଙ୍କୁ ଭେଟିବା ପାଇଁ ଜାନୁଆରି ୧୪ ତାରିଖରୁ ମୁଁ ଏହି ଯାତ୍ରା ଆରମ୍ଭ କରିଛି। ଏଥିସହିତ ମୁଁ ନିଜ ଯାତ୍ରାକୁ ନେଇ କ୍ରମାଗତ ଭାବେ ଲୋକଙ୍କୁ ନିଜର ସୂଚନା ଦେଇ ଚାଲିଛି।' ପ୍ରକାଶିତ ରିପୋର୍ଟ ମୁତାବକ, ବ୍ୟକ୍ତି ଜଣକ ଥାଇଲ୍ୟାଣ୍ଡରେ ବସବାସ କରନ୍ତି। ସେ ନାଖୋନ ନାୟୋକ ସ୍ଥିତ ନିଜ ଘର ଠାରୁ ସତୁନ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏଠାରେ ତାଙ୍କ ପ୍ରେମିକା ବସବାସ କରୁଥିବା ଜଣାପଡ଼ିଛି। ଏଯାବତ ଦୁହିଁଙ୍କ କେବେ ସାକ୍ଷାତ ହୋଇନାହିଁ। ଯାହା ଦେଖା ତାହା କେବଳ ଭିଡିଓ କଲିଂ ଜରିଆରେ ହୋଇଛି। 'ଫେବ୍ରୁଆରି ୧୪ରୁ ୧୫ ତାରିଖ ଭିତରେ ପ୍ରେମିକାଙ୍କ ଘରେ ପହଞ୍ଚିବାକୁ ଚେଷ୍ଟା କରିବି। ଏଥିପାଇଁ ମୋତେ ପ୍ରାୟ ୧୪୦୦କିମି ପର୍ଯ୍ୟନ୍ତ ଯାତ୍ରା କରିବାକୁ ହେବ। ପ୍ରେମିକା ଏଥିପାଇଁ ସତୁନ ପର୍ଯ୍ୟନ୍ତ ଚାଲିଚାଲି କିମ୍ବା ଦୌଡ଼ିଦୌଡ଼ି ଯିବାକୁ ଚ୍ୟାଲେଞ୍ଜ ଦେଇଛନ୍ତି। ମୋର ଭଲ ପାଇବାକୁ ପ୍ରମାଣ କରିବା ପାଇଁ ମୋତେ ଏସବୁ ନିଶ୍ଚୟ କରିବାକୁ ହେବ। ତେଣୁ ମୁଁ ଘରୁ ବାହାରି ପଡ଼ିଛି।'

## ୨୫ ବର୍ଷର ବରକୁ ୫୪ ବର୍ଷୀୟା କନିଆଁ



ପ୍ରେମ ଅନ୍ଧ। ପ୍ରେମ ମାନେନା ଜାତି ଅଜାତି, ଉଚ୍ଚନିଚ୍ଚ ଅବା ବୟସ। ଏହାକୁ ଏବେ ପ୍ରମାଣିତ କରି ଦେଖାଇଛନ୍ତି ଜଣେ ୫୪ ବର୍ଷୀୟା ମହିଳା ଓ ୨୫ ବର୍ଷୀୟ ଯୁବକ। ଏହି ଦୁଇ ପ୍ରେମୀ ଯୁଗଳଙ୍କ ଅଜବ ପ୍ରେମର ଗଜବ କାହାଣୀ ଏବେ ସାମ୍ନାକୁ ଆସିଛି। ଦୁହିଁଙ୍କ ଲଭ୍‌ଷ୍ଟୋରୀ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି କାରଣରୁ ପ୍ରେମୀ ଯୁଗଳ ଟ୍ରୋଲର ଶିକାର ମଧ୍ୟ ହୋଇଛନ୍ତି। ଇଂଲଣ୍ଡର ଲ୍ୟୁକ ଏଲିୟାସ ଓ ଷ୍ଟେଫ୍ ହ୍ୱାଇଟ୍। ଏ ଦୁହିଁଙ୍କ ଲଭ୍ ?ଷ୍ଟୋରୀ ଏବେ ଚାରିଆଡେ ଚର୍ଚ୍ଚିତ। ଲ୍ୟୁକ୍‌ଙ୍କୁ ୨୫ ବର୍ଷ ହୋଇଥିବା ବେଳେ ଷ୍ଟେଫଙ୍କ ବୟସ ୫୪ ବର୍ଷ ରହିଛି। କେବଳ ସେତିକି ନୁହେଁ ଷ୍ଟେଫ୍ ୪ଟି ସନ୍ତାନର ମା' ମଧ୍ୟ। ଏହି ଦୁଇ ଯୋଡି ବିବାହ କରିବାକୁ ଯାଉଛନ୍ତି। ଲ୍ୟୁକ୍ ଓ ଷ୍ଟେଫ୍ ହ୍ୱାଇଟ୍‌ଙ୍କ ଦେଖାସାକ୍ଷାତ ଫେସ୍‌ବୁକ୍ ଜରିଆରେ ହୋଇଥିଲା। ବେଶ୍ କିଛି ଦିନ ଧରି ଦୁହିଁଙ୍କ ମଧ୍ୟରେ ଲଗାତର କଥାବାର୍ତ୍ତା ଚାଲିଥିଲା। ଏହାପରେ ଉଭୟ ପରସ୍ପରକୁ ଭଲପାଇ ବସିଥିଲେ। ଦୁହେଁ ପ୍ରଥମେ କିଛି ମାସ ଧରି ପରସ୍ପରକୁ ଡେଟ୍ କରିଥିଲେ। ଆଉ ଏବେ କଥା ବିବାହ ଯାଏଁ ପହଞ୍ଚିଛି। ଲ୍ୟୁକ୍‌ଙ୍କ କହିବା ମୁତାବକ, ସେ ପ୍ରଥମ ଦେଖାରେ ହିଁ ଷ୍ଟେଫଙ୍କୁ ଭଲପାଇ ବସିଥିଲେ। ସେ ଜାଣି ପାରିଲେନି ଯେ କେବେ ଷ୍ଟେଫଙ୍କ ପାଇଁ ତାଙ୍କ ମନରେ ଭାବନା ଜାଗ୍ରତ ହୋଇ ଉଠିଥିଲା। ଲ୍ୟୁକ୍ ଯେଉଁ ମହିଳାଙ୍କୁ ବିବାହ କରିବାକୁ ଯାଉଛନ୍ତି ତାଙ୍କର ପୂର୍ବରୁ ୪ଟି ଛୁଆ ଅଛି। ଲ୍ୟୁକ୍ ପେସାରେ ଜଣେ ଡ୍ରାଇଭର। ଲ୍ୟୁକ୍ ଓ ଷ୍ଟେଫଙ୍କ ବିବାହକୁ ନେଇ ଉଭୟଙ୍କ ପରିବାର ଲୋକେ ଖୁସି ଅଛନ୍ତି। ଚଳିତ ବର୍ଷ ଶେଷ ଆଡକୁ ଉଭୟ ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି କହିଛନ୍ତି।

## ମନ୍ଦିର ପୂଜକ କରନ୍ତି କୁକୁର ନାମକରଣ




ଭାରତରେ ଏପରି ଅନେକ ମନ୍ଦିର ରହିଛି ଯେଉଁଠାରେ ସ୍ୱତନ୍ତ୍ର ରୀତିନୀତି ଏବଂ ମାନ୍ୟତା ଥାଏ। ଯଦି ଆପଣ ଦକ୍ଷିଣ ଭାରତକୁ ଯିବେ ତେବେ କିଛି ମନ୍ଦିର ପାଇବେ ଯେଉଁଠି ଲୋକେ କିଛି ଭିନ୍ନ ବିଶ୍ୱାସ ନେଇ ଚଳୁଛନ୍ତି। କେରଳର ଏକ ମନ୍ଦିରରେ ଲୋକେ ତାଙ୍କ କୁକୁରକୁ ନେଇ ନାମକରଣ ପାଇଁ ଆସନ୍ତି। ପୂଜାରୀ ନାଁ ରଖିବା ପରେ ଘରକୁ ଫେରେ କୁକୁର। କେରଳର କନ୍ନୁର ଜିଲ୍ଲାର ମୁଥାପନ୍ ମନ୍ଦିରରେ ଦେଖିବାକୁ ମିଳେ କିଛି ଏମିତି ଦୃଶ୍ୟ। ଯେଉଁଠାରେ ଲୋକମାନେ ସେମାନଙ୍କର କୁକୁର ଆଣି ତାର ନାମକରଣ କରନ୍ତି। କନ୍ନୁର ତାଲିପାରମ୍ବା ଠାରୁ ପ୍ରାୟ ୧୦କିଲୋମିଟର ଦୂରରେ ବଲପତନମ୍ ନଦୀ ଅଛି। ଯାହାର କୂଳରେ ଏହି ମନ୍ଦିର ଅଛି। ଏଠାରେ ଲୋକମାନେ ଦୂର ସ୍ଥାନରୁ ଆସି କୁକୁରର ନାମକରଣ କରି ଯାଆନ୍ତି। ତିରୁଭାପନ୍ ଭେଲାଟମ୍ ପରମ୍ପରା ସମୟରେ ଏଠାରେ କୁକୁରମାନଙ୍କର ନାମକରଣ କରାଯାଇଥାଏ। ମନ୍ଦିର ପ୍ରଶାସନର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଏଠାରେ କୁକୁରମାନଙ୍କର ନାମକରଣ ସମାରୋହ ଆୟୋଜିତ ହୋଇଛି। ଏଥିପାଇଁ କୌଣସି ଶୁଳ୍କ ନିଆଯାଇନଥାଏ। ସ୍ଥାନୀୟ ଲୋକ କୁହନ୍ତି ଯେ ଶନିବାର ଏବଂ ରବିବାରରେ କୁକୁର ନାମକରଣ ପାଇଁ ମନ୍ଦିରରେ ବହୁ ଭିଡ଼ ଦେଖାଯାଏ । ଏଠାରେ ଥିବା ପୁରୋହିତଙ୍କୁ ମୁଥାପନ୍ ତେୟମ୍ କୁହାଯାଏ ଏବଂ ନାମକରଣ ସମୟରେ ସେ କୁକୁରର କାନରେ କିଛି ଫୁସ୍ଫୁସ୍ କରି ଶେଷରେ କୁକୁରକୁ ପ୍ରସାଦ ଖାଇବାକୁ ଦିଅନ୍ତି। ଏହା କରିବା ପରେ ସେମାନେ ଗୃହପାଳିତ ପଶୁକୁ ତାର ମାଲିକଙ୍କୁ ହସ୍ତାନ୍ତର କରନ୍ତି। ଏବଂ ମାଲିକକୁ ତାର ନାଁ କୁହନ୍ତି। ଏହାପରେ କୁକୁରକୁ ପୂଜକ ଦେଇଥିବା ନାଁରେ ଡାକନ୍ତି ଲୋକେ।

## ୮୮ ବର୍ଷରେ ଲଟେରିରେ ଜିତିଲେ ୫ କୋଟି



ଲୋକେ କୁହନ୍ତି ଭାଗ୍ୟ ମଣିଷକୁ ନିମିଷକ ମଧ୍ୟରେ କୋଟିପତି କରି ଦେଇପାରେ। ତାହାର ଜ୍ୱଳନ୍ତ ଉଦାହରଣ ଏବେ ଦେଖିବାକୁ ମିଳିଛି। ପଞ୍ଜାବର ମୋହାଲିଠାରେ ଜଣେ ୮୮ ବର୍ଷୀୟ ବୃଦ୍ଧଙ୍କର ୫ କୋଟି ଟଙ୍କାର ଲଟେରି ଲାଗିବା ପରେ ଏବେ ପରିବାରରେ ଖୁସିର ସୀମା ନାହିଁ। ଜାଣିବାକୁ ମିଳିଛି ଯେ ବୃଦ୍ଧ ଜଣକ ପ୍ରାୟ ୩୫-୪୦ ବର୍ଷ ଧରି ଲଟେରି ଟିକେଟ୍ କିଣି ଆସୁଥିଲେ। ଶେଷରେ ତାଙ୍କ ଚେଷ୍ଟା ଫଳପ୍ରଦ ହୋଇଛି। ମାମଲା ମୋହାଲିର ଡେରାବସ୍ସି ଅଞ୍ଚଳର। ଯେଉଁଠାରେ ତ୍ରିଦେବୀ କ୍ୟାମ୍ପ୍ ଗ୍ରାମରେ ରହୁଥିବା ମନ୍ଦିରର ମହନ୍ତ ଦ୍ୱାରକା ଦାସ ୫ କୋଟି ଟଙ୍କାର ଲଟେରି ଜିତିବା ପରେ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ତାଙ୍କ ପରିବାରରେ ଏବେ ଉତ୍ସବର ମହୋଲ୍ ହୋଇଛି। ପରିବାର ଲୋକ ଦ୍ୱାରକା ଦାସଙ୍କୁ ଫୁଲମାଳ ପିନ୍ଧାଇ ଶୁଭେଚ୍ଛା ଜଣାଇଛନ୍ତି। ଜାଣିବାକୁ ମିଳିଛି ଯେ ଦ୍ୱରକା ଦାସଙ୍କ ନାମରେ ଏହି ଲଟେରି ଟିକେଟ୍ ତାଙ୍କ ନାତି ଜାକିରପୁରରୁ କିଣିଥିଲେ। ଲୋକେଶ କୁମାର ନାମର ଜଣେ ଯୁବକ କହିଛନ୍ତି ଯେ ତାଙ୍କର ଜାରକପୁର-ପଞ୍ଚକୁଲା ରୋଡ୍ରେ ଏକ ଲଟେରି ଦୋକାନ ଅଛି। ମହନ୍ତଙ୍କ ନାତି ନିଖିଲ ଶର୍ମା ମକର ସଂକ୍ରାନ୍ତି ଅବସରରେ ଏକ ଲଟେରି ଟିକେଟ୍ କିଣିଥିଲେ। ତେବେ ୫ କୋଟି ଟଙ୍କାର ଲଟେରି ଜିତିଥିବା ଏହି ମହନ୍ତଙ୍କ ପୁଅ ଜଣେ ଅଟୋ ଚାଳକ।

## ଚା' ସହ ନମକିନ୍ ଖାଦ୍ୟ ହାନିକାରକ



ଦିନ ଆରମ୍ଭ କରିବା ହେଉ କିମ୍ବା ସନ୍ଧ୍ୟାରେ ବାଲକୋନୀରେ ବସି ପାଗକୁ ଉପଭୋଗ କରିବା, ଚା' ପ୍ରେମୀମାନେ ଚା' ପିଇବା କୌଣସି ବାହାନା ଛାଡନ୍ତି ନାହିଁ। କିନ୍ତୁ ଏହା କରିବାବେଳେ, ଅନେକ ଥର ଅଜାଣତରେ ଏପରି କିଛି ଭୁଲ ହୋଇଯାଏ, ଯାହା ବ୍ୟକ୍ତିର ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ। ଅଧିକାଂଶ ଲୋକ ଚା' ସହିତ ନମକିନ୍ ଖାଇବାକୁ ପସନ୍ଦ କରନ୍ତି। କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି ଯେ ଏପରି କରିବା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। ଦୁଗ୍ଧଜାତ ଦ୍ରବ୍ୟ ସହିତ ଲୁଣିଆ ଜିନିଷ ଖାଇବା ଉଚିତ୍ ନୁହେଁ। ଚା'ରେ କ୍ଷୀର ମିଶାଯାଏ ଏବଂ ଏହା ସହିତ ନମକିନ୍ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ନମକିନ୍‌ରେ ରିଫାଇଣ୍ଡ କାର୍ବସ୍ ଉପସ୍ଥିତ। ଯାହା ହଜମ କରିବାକୁ ବହୁତ ସମୟ ଲାଗେ। ଯଦି ଆପଣ ଏହା ସହିତ ଚା' ପିଅନ୍ତି, ତେବେ ଆପଣ ପେଟରେ ଟିକେ ଗଡବଡ ଅନୁଭବ କରିପାରନ୍ତି। ନମକିନରେ ଡ୍ରାଏଫ୍ରୁଟ୍ସ ମିଶାଯାଏ। ଚା 'ସହିତ ଡ୍ରାଏଫ୍ରୁଟ୍ସ ଖାଇବା ଉଚିତ୍ ନୁହେଁ। ଡ୍ରାଏଫ୍ରୁଟ୍ସ ସହିତ ଚା ପିଇବା ଦ୍ୱାରା ଅମ୍ଳତା ସୃଷ୍ଟି ହୋଇପାରେ। ଚା' ସହିତ ହଳଦୀ ଯୁକ୍ତ ନମକିନ୍ ଖାଇବା ଠାରୁ ଦୂରେଇ ରୁହନ୍ତୁ। ଏହା ହଜମ ପ୍ରକ୍ରିୟାକୁ ନଷ୍ଟ କରିପାରେ। ଚା' ସହିତ ବେସନ ଯୁକ୍ତ ନମକିନ୍ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା ସମସ୍ୟା ହୋଇପାରେ।

## ଅଁଳାଡ଼ିହା ଠାରେ ରାମ ନବମୀ ପୂଜା ଅନୁଷ୍ଠିତ

ପାଟଣା ୭/୪(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ପଞ୍ଚାୟତ ଅଁଳାଡ଼ିହା ଠାରେ ପୁଣ୍ୟତୋୟା ବୈତରଣୀ ନଦୀକୂଳ ରେ ଅବସ୍ଥିତ ପ୍ରଭୁ ଶ୍ରୀରାମ ଙ୍କ ମନ୍ଦିର ପ୍ରାଙ୍ଗଣରେ ରାମନବମୀ ପୂଜା ମହା ଆଡମ୍ବର ସହକାରେ ବହୁଲୋକଙ୍କ ଉପସ୍ଥିତ ରେ ଅନୁଷ୍ଠିତ ହୋଇଛି । ଟ୍ରଷ୍ଟ ର ସଭାପତି ମଦନ ମୋହନ ଦିବେଦ୍ଦି ଙ୍କ ପୁରୋହିତ ରେ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏଥିରେ ଟ୍ରଷ୍ଟ କର୍ମକର୍ତ୍ତା ତଥା ଅନ୍ୟାନ୍ୟ ବରିଷ୍ଠ ମନ୍ଦିର ପରିଚାଳକ ନୀଳାମ୍ବର ମହାନ୍ତ , ଅଖିଳା ନନ୍ଦ ମହାନ୍ତ, ସନ୍ତୋଷ କୁମାର ମହାପାତ୍ର, ରମେଶ ମହାନ୍ତ, କୈଳାଶ ମହାନ୍ତ, ଗୌରାଙ୍ଗ ଗକ୍ଷରଡିଆ,ଜଗବନ୍ଧୁ ମହାନ୍ତ,କ୍ଷେତ୍ରବାସୀ ମହାନ୍ତ,ସତ୍ୟାନନ୍ଦ ବେହେରା,ହେମଲତା ମହାନ୍ତ,ବିଜୟ ଗାର୍ଡିୟା,ପ୍ରଫୁଲ୍ଲ ମହାନ୍ତ ,ସୁରେନ୍ଦ୍ର ନାଥ ମହାନ୍ତ, ମିତ୍ର ଭାନୁ ମହାନ୍ତ ,ଶିଶିର କୁମାର ସେଠି ,ହୃଷିକେଶ ମହାନ୍ତ, ଖଗେଶ୍ୱର ମହାନ୍ତ ,ପ୍ରତିମା ମହାନ୍ତ. ମିଲ୍ଲୀ ମହାନ୍ତ, ସତ୍ୟଭାମା ମହାନ୍ତ ,ଲକ୍ଷ୍ମୀପ୍ରିୟା ମହାନ୍ତ , ରବୀନ୍ଦ୍ର ମହାନ୍ତ ପ୍ରଭୁତି କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ ।

## ବିଜେପି ପ୍ରତିଷ୍ଠା ଦିବସ ପାଳିତ

କଣାସ ୭/୪(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ମଣ୍ଡଳ ସ୍ତରୀୟ ବିଜେପି ୪୬ ତମ ପ୍ରତିଷ୍ଠା ଦିବସ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ନେତୃତ୍ୱରେ ପାଳିତ ହୋଇଯାଇଛି । ଏଥିରେ ବିଜେପି କର୍ମୀ ଏକଜୁଟ ହେଇ ବିଜେପି ପତାକା ଉତ୍ତୋଳନ କରିବା ସହ ଭାରତ ମତାକି ଜୟ ଓ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରିଥିଲେ ।ଆଜି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ଜୟନ୍ତୀ ଓ ବିଜେପି ପ୍ରତିଷ୍ଠା ଦିବସ ଅବସରରେ କର୍ମୀମାନେ ଶପଥ ନେଇଥିଲେ ସତ୍ୟବାଦୀରେ ବିଜେପିକୁ ସଶକ୍ତ କରିବା ସହ ରାଷ୍ଟ୍ର ନିର୍ମାଣରେ ସହାୟକ ହେବୁ ।ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱ ଓ ଆହ୍ୱାନରେ ପଞ୍ଚାୟତ,ବ୍ଲକ୍ ଏବଂ ନିର୍ବାଚନ ମଣ୍ଡଳୀର ବିକାଶ ଧାରାକୁ ଆଗେଇ ନେବା ପାଇଁ କର୍ମୀମାନେ କହିଥିଲେ ।

# ବଡଖଣ୍ଡି ହତ୍ୟା ଘଟଣା, ଫେରାର ଅଭିଯୁକ୍ତ ଗିରଫ




ହିଞ୍ଜିଳିକାଟୁ ୭/୪(ନି.ପ୍ର): ଗତ ଅକ୍ଟୋବର ୬ ତାରିଖ ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ବଡଖଣ୍ଡି ଜଗନ୍ନାଥ ମନ୍ଦିର ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ରାଜୁ ରେଡ୍ଡି (୩୨)ଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିଲା । ସଂପୃକ୍ତ ହତ୍ୟା ଘଟଣାରେ ହିଞ୍ଜିଳି ପୁଲିସ ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ଶନିବାର ବିଳମ୍ବିତ ରାତିରେ ହିଞ୍ଜିଳି ଥାନା ସମରଝୋଳ ଗ୍ରାମ ଛକରୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ବି. ଅଭି ରେଡ୍ଡି (୨୮) । ଏ ନେଇ ହିଞ୍ଜିଳି ଥାନାର କେସ ନଂ- ୮୩୬/୨୪ ରେ ମାମଲା ପ୍ରକାରେ ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି । ପୂର୍ବରୁ ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେମାନେ ହେଲେ ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ବି. ସୁବ୍ରତ ରେଡ୍ଡି (୨୪) ଓ ଏସ. ଶିବରାମ ରେଡ୍ଡି ଅ କାଳିଆ (୨୯) । ଗିରଫ ସଂଖ୍ୟା ୩ ରେ ପହଞ୍ଚିଛି । ପ୍ରକାଶ ଯେ, ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ରାଜୁ ରେଡ୍ଡି ସହ ସୁବ୍ରତ ରେଡ୍ଡିଙ୍କ ସହ ପୂର୍ବରୁ ଶତୃତା ରହିଥିଲା । ଅକ୍ଟୋବର ୬ ତାରିଖ ବିଳମ୍ବିତ ରାତିରେ ରାଜୁ ବ୍ରହ୍ମପୁରରୁ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ପୂର୍ବ ଶତୃତାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସୁବ୍ରତଙ୍କ ସମେତ ଅଭି ଓ କାଳିଆ ହିଞ୍ଜିଳି ଥାନା ବଡଖଣ୍ଡି ଜଗନ୍ନାଥ ମନ୍ଦିର ନିକଟସ୍ଥ ଏକ ନିକାଞ୍ଚନ ଜାଗାରେ ଛକି ବସିଥିଲେ । ରାଜୁ ସେହି ରାସ୍ତା ଦେଇ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ସୁବ୍ରତ, ରାଜୁଙ୍କୁ ଅଟକାଇବା ସହ ଗାଳି ଗୁଲଜ କରିଥିଲେ । ପରେ ଉତକ୍ଷିପ୍ତ ହୋଇ ସୁବ୍ରତ ଧରିଥିବା ଏକ ଧାରୁଆ ଛୁରୀରେ ସୁବ୍ରତଙ୍କ ବେକକୁ କାଟି ଦେଇଥିଲେ । ପ୍ରଚୁର ରକ୍ତସ୍ରାବ ହେବା ସହ ମୃତ୍ୟୁ ଘଟିବା ପରେ ରାସ୍ତା ପ୍ରାର୍ଶ୍ୱ ଏକ ଧାନ ଚାଷଜମିକୁ ରାଜୁଙ୍କ ମୃତଦେହକୁ ଫୋପାଡି ଘଟଣା ସ୍ଥଳକୁ ଫେରାର ହୋଇଯାଇଥିଲେ । କୌଣସି ସୂତ୍ରରୁ ଖବର ପାଇ ତତ୍କାଳୀନ ଆସିକା ଏସଡିପିଓ ସଞ୍ଜୟ କୁମାର ମହାପାତ୍ର, ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠି, ଶେରଗଡ଼ ଥାନା ଆଇଆଇସି ବରେନ୍ଦ୍ର ସିଅଳ, ତତ୍କାଳୀନ ହିଞ୍ଜିଳି ଥାନା ଏଡିସିନାଲ ଆଇଆଇସି ପଦ୍ମ ଚରଣ ଭଟ୍ଟଙ୍କ ସମେତ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ସରଜମିନ ତଦନ୍ତ ଆରମ୍ଭ କରିଥିଲେ । ମୃତଦେହକୁ ଜବତ କରି ବ୍ୟବଛେଦ ସକାଶେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ ଚଳାଇଥିଲା । ସୁବ୍ରତ ଘଟଣା ସ୍ଥଳରେ ନିଜ ମୋଟର ସାଇକେଲ (ଓଡି୦୭ଏଭି ୨୪୬୪)କୁ ଛାଡି ଚାଲି ଚାଲି ହିଞ୍ଜିଳିକାଟୁ ଅଭିମୁଖେ ଫେରାର ହେଉଥିବା ସମୟରେ ହିଞ୍ଜିଳି ଥାନା ତଥା ୫୯ ନଂ ଜାତୀୟ ରାଜପଥ ପୋଚିଲିମା ଛକ ନିକଟରେ ଦୂର୍ଘଟଣାର ଶୀକାର ହୋଇ ରାସ୍ତାରେ ପଡି ଯାଇଥିଲେ । ସେହି ରାସ୍ତାଦେଇ ଯାତାୟତ କରୁଥିବା କିଛି ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଉଦ୍ଧାର କରିଥିବା ଲୋକଙ୍କୁ ଆହତ ଜଣଙ୍କ ଗୋଟିଏ ହତ୍ୟା କରି ଆସିଛି ଏବଂ ତୁମ୍ଭ ମାନଙ୍କୁ ମଧ୍ୟ ହତ୍ୟା କରିବି ବୋଲି ଧମକ ଦେଇଥିଲେ । ଉଦ୍ଧାର କରୁଥିବା ବ୍ୟକ୍ତି ମାନେ ଭୟରେ ଘଟଣା ନେଇ ହିଞ୍ଜିଳି ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଆସିକା ଏସଡିପିଓଙ୍କ ସମେତ ପୁଲିସ ଅଧିକାରୀ ଓ ଫୋର୍ସ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଯୁବକଙ୍କୁ କାବୁ କରିଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାଜୁ ଙ୍କୁ ହତ୍ୟା କରିଥିବା ନେଇ ସୁବ୍ରତ ଆସିକା ଏସଡିପିଓଙ୍କ ନିକଟରେ ସ୍ୱୀକାର କରିଥିଲେ । ସୁବ୍ରତଙ୍କ ପ୍ରାଥମିକ ଚିକିତ୍ସା ପରେ ପୁଲିସ ଗିରଫ କରିଥିଲା । ପରେ ଶିବରାମ ଅ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗିରଫ ୨ ଯୁବକଙ୍କ ନିକଟରୁ ୨ଟି ମୋଟର ସାଇକେଲ ଓ ହତ୍ୟାରେ ବ୍ୟବହୃତ ଏକ ଛୁରୀକୁ ଜବତ କରିଥିଲା ।

## ଜଗନ୍ନାଥ କଲ୍ୟାଣ ସମିତି ପକ୍ଷରୁ ଗୀତା ମହାଯଜ୍ଞ

ପାଟଣା ୭/୪(ନି.ପ୍ର): ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରକୁ ଆଗେଇ ନେବା ପାଇଁ କୋଲକତାର ସରକାର ପୋଲ ଠାରେ ଗୋପାଳପୁର ଶ୍ରୀ ଜଗନ୍ନାଥ କଲ୍ୟାଣ ସମିତି ଏ ବର୍ଷ ୧୦ତମ ଗିତା ମହାଯଜ୍ଞ ଖୁବ୍ ଆଡମ୍ବର ସହକାରେ ପାଳନ ହୋଇଛି । ଗୁରୁବାର ସନ୍ଧ୍ୟାରେ କଳସ ଯାତ୍ରା ଓ ଅଙ୍କୁରା ରୋପଣ କାଯ୍ୟ ସାରିବା ପରେ ଶୁକ୍ରବାର ସକାଳୁ ସୂର୍ଯ୍ୟ ପୂଜା ଖୁବ୍ ଭକ୍ତିର ସହିତ ସମାପନ କରାଯାଇଥିଲା । ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ଆଳତି ଓ ନାମ ସଂକ୍ଷୀର୍ତ୍ତନ ବହୁ ପ୍ରବାସୀ ଓଡ଼ିଆ ଓ ବଙ୍ଗବାସୀ ମାନଙ୍କୁ ଖୁବ୍ ଆନନ୍ଦିତ କରିଥିଲା । ସଙ୍କୀର୍ତ୍ତନ ର ବାଦ୍ୟକାର ଗୁରିଆ ସାମଲଙ୍କ ବାଜା ବଜେଇବାର ଶୈଳି ବେଶ ଚମତ୍କାର ଥିଲା । କୁନି କୁନି ପିଲାମାନଙ୍କର ଓଡ଼ିଶୀ ନାଚ ଓ ଶ୍ରୀ ଜଗନ୍ନାଥଙ୍କ ଭଜନରେ ସ୍ଥାନଟି ଶ୍ରୀକ୍ଷେତ୍ର ଶ୍ରୀକ୍ଷେତ୍ର ମହକି ଉଠୁଥିଲା । ଶନିବାର ସକାଳୁ ଗୋ ପୂଜା ଓ ସୂର୍ଯ୍ୟ ପୂଜା ସରିବା ପରେ ଗୀତା ପାଠ ଓଡ଼ିଆ ପଣ୍ଡିତଙ୍କ ଦ୍ୱାରା ଗାନ କରା ଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାଯ୍ୟକ୍ରମ ଭଜନ ସନ୍ଧ୍ୟା ରେ ଏମ ଏମ ମ୍ୟୁଜିକାଲ ଟ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା କାଯ୍ୟକ୍ରମରେ ସ୍ଥାନଟି ପୁରୀ ବଡ଼ ଦାଣ୍ଡ ପରି ଲାଗୁଥିଲା । କଣ୍ଠ ଶିଳ୍ପୀ ଡେଜି ସ୍ୱାଇଁ, ପ୍ରମୋଦ ଜେନା, ପ୍ରଭାସ ବାବୁ, ମାନସ ବାବୁ ଓ କୈଳାଶ ସ୍ୱାଇଁଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଭଜନ ଖୁବ ପ୍ରଂଶସନୀୟ ଥିଲା । ଉପଦେଷ୍ଟା ବିଶ୍ୱନାଥ ରାଉତ, ସମ୍ପାଦକ ହରିଶ ଚନ୍ଦ୍ର ରାଉତ ଓ ସଭାପତି କୈଳାଶ ସ୍ୱାଇଁ ଙ୍କ ତତ୍ତ୍ୱବଧନାରେ ସବୁ କାଯ୍ୟ ଶୃଙ୍ଖଳିତ ଭାବେ ପରିଚାଳନା ହୋଇଥିଲା । ଓଡିଶା ପୁରୀରୁ ଆସିଥିବା ପଣ୍ଡିତ ମିଥୁନ କୁମାର ଦାଶ, ପ୍ରସିଧ ଗଡ୍ଡୁ, ରାକେଶ କୁମାର କର, ନିରଞ୍ଜନ ଦାଶ ଓ କୈଳାଶ ପଣ୍ଡାଙ୍କ ଦ୍ୱାରା ରବିବାର ଗୀତା ମହାଯଜ୍ଞ ର ପୂର୍ଣ୍ଣାହୂତି ସମାପ୍ତ ଓ ହଜାର ହଜାର ଲୋକଙ୍କୁ ପ୍ରସାଦ ସେବନ କରାଇ ଗୋପାଳପୁର ଶ୍ରୀ ଜଗନ୍ନାଥ କଲ୍ୟାଣ ସମିତିର ସମସ୍ତ ସଦ୍ୟସ ମାନେ ଖୁବ୍ ପ୍ରଂଶସିତର ପାତ୍ର ହୋଇଛନ୍ତି । ବଙ୍ଗୋବାସୀ ମାନେ ଖୁବ୍ର ଖୁସି ହୋଇ ଅନୁଷ୍ଠାନର ଉନ୍ନତିରୁ ଉନ୍ନତି କାମନା କରିବା ସହିତ ଆଗାମୀ ବର୍ଷକୁ ଏହା ଆହୁରି ଆଡମ୍ବରରେ ହେବ ବୋଲି ଆଶା ରଖିଛନ୍ତି ।

## ଗ୍ରାମୀଣ ମହୋତ୍ସବ ଚତୃର୍ଥ ଦିବସ ସନ୍ଧ୍ୟାରେ ଯୋଗ ଦେଲେ ବରିଷ୍ଠ ନେତା




ନିଆଳି ୭/୪(ନି.ପ୍ର): ନିଆଳୀ ଦ୍ୱୀପାଞ୍ଚଳ ର କେନ୍ଦ୍ର ବିନ୍ଦୁ ଐତିହାସିକ ଦିପୋଟି ମେଲଣ ପଡିଆ ରେ ଅନୁଷ୍ଠିତ ହେଉଛି ଗ୍ରାମୀଣ ମହୋତ୍ସବ ୨୦୨୫ ଏହି ଅବସରରେ ପ୍ରତ୍ୟେକ ଦିବସ ରେ ବିଭିନ୍ନ ଅତିଥି ମାନେ ଯୋଗ ଦେଇ ଗାନ୍ଧୀ ଦର୍ଶନ ସହ ଗ୍ରାମାଞ୍ଚଳ ର କିପରି ବିକାଶ ହୋଇ ପାରିବ ଏବଂ ଗାନ୍ଧୀ ବିଚାର କିପରି ଘରେ ଘରେ ଉଦ୍ଦୀପିତ ହେବ ସେଇ ମତ ପୋଷଣ କରିଥିଲେ ଚତୃର୍ଥ ଦିବସ ରେ ଉଦଘାଟକ ରୂପେ ଓଡିଶା ସରକାର ଙ୍କ ପୂର୍ବତନ ଅର୍ଥରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଞ୍ଚାନନ କାନୁନଗୋ, ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା ସଭାପତି ଶ୍ରୀ ରବୀନ୍ଦ୍ର ମଲ୍ଲିକ ଏବଂ ମୁଖ୍ୟ ବକ୍ତା ରୂପେ ପ୍ରଦେଶ କଂଗ୍ରେସ କମିଟି ର ରାଜ୍ୟ ମୁଖପାତ୍ର ତଥା ସୁସାହିତ୍ୟିକ ଶ୍ରୀ ଅମୀୟ ପାଣ୍ଡ୍ୱ,ସମ୍ମାନିତ ଅତିଥି ରୂପେ ସମାଜସେବୀ ତଥା କଂଗ୍ରେସ ନେତା ନିମାଇଁ ଚରଣ ରାଉତରାୟ,ଅନୁଷ୍ଠାନ ସଭାପତି ପ୍ରସନ୍ନ ପାତ୍ର ପ୍ରମୁଖ ଯୋଗ ଦେଇ ନିଜର ମତ ପୋଷଣ କରିଥିଲେ ଏହି ସଭା ର ସଭାପତିତ୍ୱ କରିଥିଲେ ଅନୁଷ୍ଠାନ ର ନିର୍ଦେଶକ କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକ, ଏହି ଅବସରରେ ଓଡିଶା ର ଅନେକ ବ୍ୟକ୍ତି ବିଶେଷ ଙ୍କୁ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ସେବା ସମ୍ମାନ, ମହାପାତ୍ର ନୀଳମଣି ସାହୁ ସାହିତ୍ୟ ସମ୍ମାନ, ନୀଳମଣି ପ୍ରଧାନ ସେବା ସମ୍ମାନ ସହ ଅତିଥି ମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀ ଚରଣ ମଲ୍ଲିକ ସେବା ସମ୍ମାନ ରେ ସମ୍ମାନିତ କରାଯାଇଥିଲା ଏଥିରେ ସମସ୍ତ ସଭ୍ୟା ସଭ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନ ର ପ୍ରତିଷ୍ଠାତା ତଥା ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏହାକୁ ଅନୁଷ୍ଠାନ ର ଉପସଭାପତି ଦ୍ୱିଜବର ମହାପାତ୍ର, ସହ ନିର୍ଦେଶକ ଲଳାଟେନ୍ଦୁ ସାହୁ ଏବଂ କୋଷାଧକ୍ଷ ହେମନ୍ତ ମଲ୍ଲିକ ପରିଚାଳନା କରିଥିଲେ ।

## ଓଡ଼ିଆ ପକ୍ଷ ପାଳନ ରେ ସ୍ୱଚ୍ଛତା ଅଭିଯାନ ଶୈବପୀଠ ସଫେଇ

ଆଠମଲ୍ଲିକ ୭/୪(ନି.ପ୍ର): ଆଠମଲ୍ଲିକ ଅଞ୍ଚଳ ର ଐତି ହାସିକ ଶୈବପୀଠ ଦେଉଳ ଝରୀ ରେ ବିଜ୍ଞ୍ୟାପିତ ଅଞ୍ଚଳ ପରିଷଦ ତରଫରୁ ଏକ ସଫେଇ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇ ଯାଇଅଛି ।ସକାଳ ୭ ଘଟିକା ସମୟ ରେ ଏନ ଏ ସି ର କର୍ମ ଚାରି ବୃନ୍ଦ, ସଫେଇ କର୍ମଚାରୀ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ର କର୍ମଚାରୀ, ଶିକ୍ଷକ, ଛାତ୍ରଛାତ୍ରୀ, ସ୍ୱଚ୍ଛ ସାଥି ଉପସ୍ଥିତ ରହି ସପୂର୍ଣ୍ଣ ଅଞ୍ଚଳ କୁ ବର୍ଜ୍ୟବସ୍ତୁ ମୁକ୍ତ କରିଥିଲେ । ଏନ ଏ ସି ର ଅଧକ୍ଷା ଆଶା କୁମାରୀ ସାହୁ, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, କନିଷ୍ଠ ଯନ୍ତ୍ରୀ ଦୁର୍ଗା ପ୍ରସାଦ ପଟନାୟକ, ସି ଓ ସଂଗୀତା ମହାପାତ୍ର, କଲ୍ୟାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ପାଟଣା ବ୍ଲକ ରେ ବିଜେପିର ୪୬ତମ ପ୍ରତିଷ୍ଠା ଦିବସ ପାଳିତ

ପାଟଣା ୭/୪(ନି.ପ୍ର): ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣା ମଣ୍ଡଳ ର ଆଜି ଆନନ୍ଦେଶ୍ୱର ମନ୍ଦିର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବିଜେପିର ୪୬ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ବ୍ରଜ ବନ୍ଧୁ ସେଠୀ ଙ୍କ ଅଧକ୍ଷତାରେ ହୋଇଥିଲା । ସଭାରେ ଭାରତ ବର୍ଷ ର ବୃହତ୍ତମ ରାଜନୈତିକ ଦଳ ଭାବେ ପରିଚିତ ଭାରତୀୟ ଜନତା ପାର୍ଟି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱ କୁ ସୁଦୃଢ଼ କରିବା ପାଇଁ ସମସ୍ତ ବୁଥ ସଭାପତି ,ମଣ୍ଡଳ ସଭାପତି ଙ୍କୁ ଗୁରୁ ମନ୍ତ୍ର ଦେବା ସହିତ ସମସ୍ତ କାର୍ଯ୍ୟକର୍ତ୍ତା ଙ୍କ ଘରେ ଘରେ ହଳଦିଆ ପତାକା ଲଗାଇବା ପାଇଁ କହିଥିଲେ । ଏହି କାର୍ଯକ୍ରମ ରେ ଯୁବମୋର୍ଚ୍ଚା ସଭାପତି ନୀତେଶ ମହାନ୍ତ, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁବ୍ରତ ଦ୍ୱିବେଦୀ, ସଞ୍ଜୟ ପଲେଇ , ଅଖି ସାହୁ କୃଷ୍ଣ ମହାନ୍ତ, ସଞ୍ଜୟ ମହାନ୍ତ, ଉମାକାନ୍ତ ମହାନ୍ତ,ହରିଶ୍ ମହାନ୍ତ ତ୍ରିନାଥ ମହାନ୍ତପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଖିରେଇଟାଙ୍ଗିରୀ ମଣ୍ଡଳ ଓ କେନ୍ଦେଇପଶି ମଣ୍ଡଳ ପକ୍ଷରୁ ବିଜେପି ର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି ।

## ବିଶ୍ୱହିନ୍ଦୁ ପରିଷଦ ପାଟଣା ପ୍ରଖଣ୍ଡ ପକ୍ଷରୁ ଶ୍ରୀ ରାମ ନବମୀ ଉତ୍ସବ ପର୍ବ ପାଳିତ

ପାଟଣା ୭/୪(ନି.ପ୍ର): ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମ ଙ୍କ ଜନ୍ମ ତିଥି କୁ ଆଜି ସାରା ଦେଶରେ ଶ୍ରୀ ରାମ ନବମୀ ଭାବେ ଧୁମଧାମରେ ପାଳନ କରାଯାଉଥିବା ବେଳେ ପାଟଣା ମୁଖ୍ୟାଳୟ ରେ ମଧ୍ୟ ଏହି ପର୍ବ କୁ ବିଶ୍ୱହିନ୍ଦୁ ପରିଷଦ ପାଟଣା ପ୍ରଖଣ୍ଡ ଦ୍ୱାରା ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି ।ବିଶ୍ୱହିନ୍ଦୁ ପରିଷଦ ପାଟଣା ପ୍ରଖଣ୍ଡ ସଭାପତି ସନାତନ ଦାଶ ଓ ସମ୍ପାଦକ ଡମ୍ବରୁଧର ମହାନ୍ତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟଣା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଶ୍ରୀ ରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦ ବରିଷ୍ଠ ସଦସ୍ୟ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅମୃତ ଚରଣ ମହାନ୍ତ ଯୋଗଦେଇ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଙ୍କ ଜୀବନାଦର୍ଶ ଓ ରାମ ରାଜ୍ୟ ପ୍ରତିଷ୍ଠା ର ଗୁଣଗାନ କରିଥିଲେ ।ଶ୍ରୀରାମ ଙ୍କ ଆଦର୍ଶ ପଥରେ ସମସ୍ତେ ଅନୁପ୍ରାଣୀତ ହୋଇ ଜୀବନର ଆଗକୁ ଯିବାପାଇଁ ପରାମର୍ଶ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ରାମ ,ଲକ୍ଷ୍ମଣ, ସୀତା ,ହନୁମାନ ଙ୍କୁ ପୂଜା ଅର୍ଚ୍ଚନା କରାଯିବା ପରେ ଏକ ସୁସଜ୍ଜିତ ଗାଡ଼ିରେ ନଗର ଭ୍ରମଣ କରାଯାଇଥିଲା ।କାର୍ଯ୍ୟକ୍ରମ ରେ ବିଶ୍ୱହିନ୍ଦୁ ପରିଷଦ ପାଟଣା ଖଣ୍ଡ ସଭାପତି ଚତୁର୍ଭୁଜ ମହାନ୍ତ, ସମ୍ପାଦକ ସନ୍ତୋଷ କୁମାର ନାଏକ,ଜିଲ୍ଲା ମଠ ମନ୍ଦିର ସୁରକ୍ଷା ପ୍ରଭାରୀ ଭରତ ଚନ୍ଦ୍ର ମହାନ୍ତ, ଜିଲ୍ଲା ସହ ସମ୍ପାଦକ କେଦାର ଦାଶ,ଦୁର୍ଗା ନାୟକ, ବିଦ୍ୟାଧର ମହାନ୍ତ,ରଣଜିତ ପଲେଇ,ରବିନାରାୟଣ ସିଂ,ଭାବଗ୍ରାହୀ ମହାନ୍ତ,ଗଣେଶ୍ୱର କର, ଶୋଭାଶ୍ରୀ ଷଡଙ୍ଗୀ,ସୋମବାରି ମୁଣ୍ଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ରାମ ନବମୀ ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଥିଲା ।

## ୨୦ ପଞ୍ଚାୟତ ରେ ସ୍ୱଚ୍ଛତା ଅଭିଯାନ,ବିଧାୟକ ଓ ବିଡିଓ ଝାଡୁ ମାରିଲେ

ପାଟଣା ୭/୪(ନି.ପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ପବିତ୍ର ଶ୍ରୀରାମ ନବମୀ ରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ପାଟଣା ବ୍ଲକର ୨୦ଟି ଯାକ ପଞ୍ଚାୟତ ରେ ଅନୁଷ୍ଠିତ ହୋଇଛି ।ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମର ପବିତ୍ର ବୈତରଣୀ ତଟସ୍ଥ ଶୈବ୍ୟାକାବେରୀ ତୀର୍ଥ ରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ବିଡିଓ ମାନସ କୁମାର ଦଣ୍ଡପାଟ ନିଜେ ଝାଡୁ ଧରି ଦେଖିଲା ଭଳି ସଫେଇ କରିଥିବା ଦେଖାଯାଇଛି ।ଏଠାରେ ରାଜନଗର ସରପଞ୍ଚ ସୁଧାଂଶୁ ନାୟକ, ସମିତି ସଭ୍ୟ ଅବନୀ ନାୟକ, ଏପିଓ ଦୀପକ କୁମାର ବେହେରା ପ୍ରମୁଖ ଅନ୍ୟମାନେ ସଫେଇ ଅଭିଯାନରେ ସାମିଲ ଥିଲେ ।ସେହିପରି ଡୁମୁରିଆ ପଞ୍ଚାୟତ ଭୀମକୁଣ୍ଡ ପର୍ଯ୍ୟଟନ ସ୍ଥଳରେ ସାଂସଦ ପ୍ରତିନିଧି ପ୍ରହଲ୍ଲାଦ ପଲେଇ ଓ ସରପଞ୍ଚ ଗୌରହରି ନାଏକ ଙ୍କ ସହ ମହିଳା ମାନଙ୍କ ଦ୍ୱାରା ବ୍ୟାପକ ସଫେଇ କରାଯିବା ସହ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନ ଗ୍ରାମରେ ବିଡିଓ ମାନସ କୁମାର ଦଣ୍ଡପାଟ ରାଜ୍ୟ ବିଜେପି କାର୍ଯ୍ୟ କାରିଣୀ ସଦସ୍ୟା ସୋମବାରି ମୁଣ୍ଡା ପ୍ରମୁଖ ସଫେଇ ଅଭିଯାନ ରେ ସାମିଲ ଥିଲେ ।ଏହି ଅବସରରେ ବ୍ଲକ ଅଞ୍ଚଳ ର ୨୦ଟି ଯାକ ପଞ୍ଚାୟତ ଅଞ୍ଚଳ ର ପ୍ରମୁଖ ଗତାଗତ ସ୍ଥାନ ମାନଙ୍କରେ ସଫେଇ ଅଭିଯାନ କୁ ତ୍ୱରାନ୍ୱିତ କରାଯାଇଛି ।

## ଢେଙ୍କିକୋଟ ରେ ଶ୍ରୀ ରାମ ନବମୀ ମହୋତ୍ସବ

ପାଟଣା ୭/୪(ନି.ପ୍ର): କେନ୍ଦୁଝର ଜିଲ୍ଲାର ବ୍ୟସ୍ତ ବହୁଳ ଅଞ୍ଚଳ ୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଢେଙ୍କିକୋଟର ଶ୍ରୀ ରାମ ନବମୀ ପୂଜା କମିଟି ପକ୍ଷରୁ ୧୧ ଦିନିଆ ରାମନବମୀ ମହୋତ୍ସବ ଆଜି ଠାରୁ ଆରମ୍ଭ ହୋଇଛି । ରାମ ନବମୀ ପାଇଁ ଢେଙ୍କିକୋଟ ଓ ଏହାର ଆଖପାଖ ଅଞ୍ଚଳ ଗେରୁଆ ପତାକା ଓ ଝଣ୍ଡାମୟ ହୋଇଯାଇଥିବା ବେଳେ ଆଜି ପୂର୍ବାହ୍ନ ରେ କମିଟି ପକ୍ଷରୁ ରାଜକିଶୋର ସାହୁ, ମକରଧ୍ୱଜ ସାହୁ, ଅଶେଷ କୁମାର ସାହୁ, ବେଣୁଧର ସାହୁ, କୃପାସିନ୍ଧୁ ଦଳେଇ, ସଞ୍ଜୟ କୁମାର ନାୟକ, ତୃପ୍ତି ରଞ୍ଜନ ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୮ ଶ୍ରଦ୍ଧାଳୁ ମହିଳାଙ୍କ ଦ୍ୱାରା ମଣ୍ଡପକୁ କଳସ ଯାତ୍ରା ଅଣାଯିବା ପରେ ଧୁମଧାମ ରେ ପୂଜା ଆରମ୍ଭ ହୋଇଛି । କର୍ତ୍ତା ଭାବେ ସସ୍ତିକ ନିରଞ୍ଜନ ଦଳେଇ ଏବଂ ଉଷାମଣି ଦଳେଇ ଏବଂ ପୂଜକ ଭାବେ ବେଲଦା, ଭଦ୍ରକ ର ହରେକୃଷ୍ଣ ତ୍ରିପାଠୀ, ପତିତପାବନ ତ୍ରିପାଠୀ, ସରୋଜ କୁମାର ତ୍ରିପାଠୀ ଏବଂ ଅସିତ୍ କୁମାର ମିଶ୍ର ନିତିକାନ୍ତି ସମ୍ପାଦନ କରୁଛନ୍ତି । କମିଟି ପକ୍ଷରୁ ୬ ତାରିଖ ଠାରୁ ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ୬ ତାରିଖ ସତ୍ୟନାରାୟଣ ପାଲା ଅନୁଷ୍ଠିତ ହୋଇଥିବା ବେଳେ ୭ ତାରିଖ ଅନ୍ନପୂର୍ଣ୍ଣା ରାସଲୀଳା ସତସଙ୍ଗ,୮ ରେ ସୀତା ବିବାହ, ଲଉଡି ଖେଳ,୯ ତାରିଖରେ ମୂର୍ତ୍ତି ବିସର୍ଜନ ସହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା,୧୦ ରେ ପ୍ରବଚନ ପରେ ପରେ ୧୪ ରେ ହନୁମାନ ଜୟନ୍ତି ପାଳନ ସହ ଝଣ୍ଡା ଶୋଭାଯାତ୍ରା ଆଦି କାର୍ଯକ୍ରମ ରଖାଯାଇଛି । ରାମ ନବମୀ ପାଇଁ ହନୁମାନ ପୀଠର ସୌନ୍ଦର୍ଯ୍ୟକରଣ କରାଯିବା ସହ ପ୍ରଭୁ ଶ୍ରୀ ରାମଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ଆକର୍ଷଣୀୟ ସାଜସଜ୍ଜା ମଧ୍ୟରେ ରାମ ନବମୀ ମହୋତ୍ସବ ପାଳନ ଢେଙ୍କିକୋଟକୁ ଉତ୍ସବ ମୁଖର କରି ରଖିଛି ।

## ମା ଝଡ଼େଶ୍ୱରୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ



ନନ୍ଦାହାଣ୍ଡି ୭/୪(ନି.ପ୍ର): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ଅନ୍ତର୍ଗତ ଦହଣା ଗ୍ରାମପଞ୍ଚାୟତ ମରାଳୀ ଗ୍ରାମ ସ୍ଥିତ ପ୍ରସିଦ୍ଧ ମଁଷ ଝଡ଼େଶ୍ୱରୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ଯୋଗଦେଲେ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଅରୁଣ କୁମାର ମିଶ୍ର ଏବଂ ପୂର୍ବତନ ସରପଞ୍ଚ ଯୁବନେତା ଜଗବନ୍ଧୁ ଜାନି ଯୋଗଦେଇଥିଲେ ।ପୂର୍ବ ସରକାର ସମୟରେ ଝଉଉ ମାଧମ ରେ ଉକ୍ତ ମନ୍ଦିର କୁ ପାଞ୍ଚ ଲକ୍ଷ୍ୟ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା ।ମା ଝଡ଼େଶ୍ୱରୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ରେ ଅନେକ ଭକ୍ତ ଭିଡ଼ ଦେଖିବାକୁ ମିଳିଛି ।

# ସିନାପାଲିରେ କବି ମନୋହର ମେହେର ଜୟନ୍ତୀ

## *ସୀମାନ୍ତରେ ଓଡ଼ିଆ ସାହିତ୍ୟ ପ୍ରତି କବିଙ୍କ ଅବଦାନ ଅବିସ୍ମରଣୀୟ*



ସିନାପାଲି ୭/୪(ନି.ପ୍ର): ଓଡ଼ିଶା ଛତିଶଗଡ଼ ସୀମାରେ ଦିନେ ଓଡ଼ିଆ ଭାଷା ସଙ୍କଟରେ ଥିବା ବେଳେ ଠିକ୍ ସେହି ସମୟରେ ଓଡ଼ିଆ ସାହିତ୍ୟ ଓ ଭାଷାର ସୁରକ୍ଷାରେ କବି ମନୋହର ମେହେରଙ୍କ ସାରସ୍ୱତ ଅବଦାନ ଅବିସ୍ମରଣୀୟ ବୋଲି ଆଜି କବିଙ୍କ ଜନ୍ମପୀଠ ନୂଆପଡ଼ା ଜିଲ୍ଲା ସିନାପାଲି ଠାରେ କବିଙ୍କ ୧୪୧ ତମ ଜନ୍ମଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ଆୟୋଜିତ ଜୟନ୍ତୀ ସଭାରେ ସମିତିର ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିବା ବେଳେ ଯୁବକବି ଲଳିତ କୁମାର ସୁନାରୀ ମନୋହର ମେହେରଙ୍କ ସାରସ୍ୱତ ସାଧନା ଓ ସାହିତ୍ୟ କ?ତି ବିଷୟରେ ବିଶଦ ଆଲୋଚନା ରଖିଥିଲେ । ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ଠାରେ ଆୟୋଜିତ କବିଙ୍କ ଜୟନ୍ତୀ ସଭାର ପ୍ରାରମ୍ଭରେ ସମିତିର ସଭାପତି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପ୍ରତିକୂଳ ପରିସ୍ଥିତିରେ ସାହିତ୍ୟ ସାଧନା କରି ସମାଜ ପାଇଁ ଅନେକ ଉପାଦେୟ ପୁସ୍ତକ ରଚନା କରିଯାଇଥିବା କବି ମନୋହରଙ୍କୁ ସଠିକ ଢଙ୍ଗରେ ଲୋକଲୋଚନକୁ ଅଣାଗଲେ ବର୍ତ୍ତମାନର ପିଢ଼ି କବିଙ୍କ ସାଧନାକୁ ବୁଝି ପାରିବା ସହ ସାହିତ୍ୟ ପ୍ରତି ଅଧିକ ଆକୃଷ୍ଟ ହୁଅନ୍ତେ ବୋଲି ଏ ଅବସରରେ ସାମୁହିକ ମତ ପ୍ରକାଶ ପାଇବା ସହ କବିଙ୍କ ନାଁରେ ସିନାପାଲିରେ ଏକ ପାଠାଗାର କରିବାକୁ ଉପସ୍ଥିତ କବିପ୍ରେମୀ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ବିଜୟ କୁମାର ଯୋଷୀ, ଚୂଡ଼ାମଣି ମେହେର, କୁମୁଦବନ୍ଧୁ ଯୋଷୀ, ହରେକ?ଷ୍ଣ ମେହେର, ପରେଶନାଥ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ନିଲାଂଚଳ ମେହେର, ରଶ୍ମିରଞ୍ଜନ ସା, ଶିବ ପ୍ରସାଦ ମେହେର, ପ୍ରେମାନନ୍ଦ ମେହେର, ପ୍ରଦ୍ୟୁମ୍ନ କୁମାର ସିଂହ ଚିନ୍ଦା, ଭୀଷ୍ମରାଜ ମେହେର, ଯଶୋବନ୍ତ ସା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସମିତିର ସଂପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ ।

## ଜଟାବାଲରେ ଧୁମଧାମରେ ପାଳିତ ହେଲା ଶ୍ରୀରାମ ନବମୀ



ପାପଡ଼ାହାଣ୍ଡି ୭/୪(ନି.ପ୍ର): ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ଜଟାବାଲ ରେ ଧୁମଧାମରେ ପାଳିତ ହୋଇ ଯାଇଛି ଶ୍ରୀରାମ ନବମୀ । ଏହି ଅବସରରେ ଏକ ଧାର୍ମିକ ଶୋଭାଯାତ୍ରାରେ ହଜାର ହଜାର ଶ୍ରୀରାମ ଭକ୍ତ ହାତରେ ଶ୍ରୀରାମ ଧ୍ୱଜ ଧରି ଗ୍ରାମ ପରିକ୍ରମା କରିଥିଲେ । ଗୋରା ହରିଜନ, ଜଳନ୍ଧର ସିଂ, ଜୟସେନ୍ ନାଗେଶ ପ୍ରମୁଖ ଆୟୋଜନ ର ତଦାରଖ କରିଥିଲେ । ଅତିଥି ଭାବେ ହିନ୍ଦୁ ମହାସଂଘ ପ୍ରମୁଖ ଜୟନ୍ତ କୁମାର ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଉମାକାନ୍ତ ବିଷୟୀ, ଅବିଭକ୍ତ କୋରାପୁଟ ଜିଲ୍ଲା ସଭାପତି ଜଗନ୍ନାଥ ଶତପଥୀ ଏବଂ ଭବାନୀ ବାହିନୀ ଅବିଭକ୍ତ କୋରାପୁଟ ଜିଲ୍ଲା ସାଧାରଣ ସମ୍ପାଦିକା କମଳାନୀ ଗୋରା ଯୋଗଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କ୍ଷେତ୍ରମୋହନ ପାତ୍ର,ଗଣେଷ ନାୟକ, ବିଜୟ ସିଂ, ଶୁରେସ ବିସି, ପଙ୍କଜ ନାୟକ, ମୁନା ପାତ୍ର, ଦାମଧର୍ ପ୍ରଧାନ, ବିପିନ୍ ସିଂ, ବିପିନ୍ ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଟାଟା ପାୱାର କମ୍ୟୁନିଟି କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ-୨୦୨୫ ଉଦଯାପିତ

ପାଟଣା ୭/୪(ନି.ପ୍ର): ଟିପିଏନଓଡିଏଲ୍ ତରଫ ରୁ ଟାଟା ସ୍ୱଚ୍ଛସେବା ସପ୍ତାହ ରେ ଏକ ଦୁଇ ଦିବସୀୟ ସି.ଏସ୍.ଆର୍ କମ୍ୟୁନିଟି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି ।ଏଥି ରେ ସର୍ବମୋଟ ୮ ଦଳ ଅଂଶ ଗ୍ରହଣ କରିଥିଲେ ।ଫାଇନାଲ ଖେଳରେ ପାଟଣା ୱାରିଅର୍ ଦଳ ୫୭ ରନ୍ ରେ ତୁରୁମୁଙ୍ଗା ଏକାଦଶ କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ ।ଚମ୍ପିୟାନ ଓ ରନର୍ସଅପ ଦଳକୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।ଉଦଯାପନି ଉତ୍ସବରେ କେନ୍ଦୁଝର ସର୍କଲ ବିଦ୍ୟୁତ୍ ସୁପରିଟେଣ୍ଡେଣ୍ଟ ଇଂ ରଶ୍ମିକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବିଦ୍ୟୁତ୍ ବିଭାଗ ମୁଖ୍ୟ ଏମ. ଆ଼ ଟି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ମଲ୍ଲିକ , ପାଟଣା ସରପଞ୍ଚ ବିନତି ବାନରା,ତୁରୁମୁଙ୍ଗା ଏସଡ଼ିଓ ଜନ୍ମେଜୟ ବେହେରା,ପାଟଣା ବିଦ୍ୟୁତ ସେକ୍ସନ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ମିଶ୍ର, ସିଏସଆର ଶିବା ମୁଖୀ,ପାଟଣା ବାଣିଜ୍ୟିକ ମୁଖ୍ୟ ସ୍ୱରୂପ ସାଧୁ,ସାହାରପଡା କନିଷ୍ଠ ଯନ୍ତ୍ରୀ ରାକେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ଉଦଯାପନି ଖେଳରେ ପ୍ରଦୀପ ଦାଶ ଓ ଅଭୟ କୁମାର ରାଉତ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ମନୋଜ କୁମାର ମହାପାତ୍ର, ନରୋତ୍ତମ ମିଶ୍ର ଓ ଜୟନ୍ତ ମହାନ୍ତ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ ।ସ୍କୋରର ଭାବେ ସୁଶାନ୍ତ ପାରମାଣୀକ,ପ୍ରହ୍ଲାଦ ନାଏକ ଓ ରାଜୀବ ମହାନ୍ତ ପରିଚାଳନା କରିଥିଲେ ।ଏହି ଟୁର୍ଣ୍ଣାମେଣ୍ଟ କୁ ଲିଙ୍ଗରାଜ ମହାନ୍ତ, ନନ୍ଦ କିଶୋର ମହାନ୍ତ,ନିହାର ରଞ୍ଜନ ଖାଟୁଆ,ଦେବାଶିଷ ବାରିକ, ଚିନ୍ମୟ ଦାଶ ଏବଂ ଆଦର୍ଶ ବସା ପ୍ରମୁଖ ଖେଳ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ତାଳଗାଁରେ ଶ୍ରୀ ରାମ ନବମୀ ପାଳିତ,ଭକ୍ତଙ୍କ ଶୋଭାଯାତ୍ରା

ମୟୂରଭଞ୍ଜ ୭/୪(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ତାଳଗାଁ ଥିବା ଧବଳେଶ୍ୱର ପୀଠ ଓ ହନୁମାନ ମନ୍ଦିରରେ ଆଜି ଆଡମ୍ବରରେ ଶ୍ରୀରାମ ନବମୀ ପାଳନ କରାଯାଇଛି । ଚୈତ୍ର ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ମନ୍ଦିରରେ ପୂଜକ ନବ କିଶୋର ଶତପଥୀ ଜରିଆରେ ସକାଳୁ ରୀତିନୀତି ଅନୁଯାୟୀ ପୂଜାପାଠ , ହୋମ ଯଜ୍ଞ କରିବା ସହ ରାମ ଚରିତ ପାଠ କରାଯାଇଛି । ସକାଳୁ ବହୁ ଭକ୍ତ ମାନେ ହନୁମାନ ମନ୍ଦିରରେ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଥିଲା । ଆଜି ଭକ୍ତମାନେ ତାଳଗାଁରେ ଏକତ୍ରିତ ହୋଇ ଗାଡ଼ିରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଶ୍ରୀରାମଙ୍କ ଫୋଟ ଲଗାଇ ବାଇକ ଓ ଚାଲିରେ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ସହ କାଣ୍ଡସର ଗାଁ ମଧ୍ୟ ପରିକ୍ରମା କରିଥିଲେ ।ସମାଜସେବୀ ଅସିତ ମଣ୍ଡଳ ଙ୍କ ନେତୃତ୍ୱରେ,ନବୀନ ରାମ୍, ରଜତ ମଣ୍ଡଳ,ବଛି ଜଗବନ୍ଧୁ ପାଲ,ରାଜୁ ମଣ୍ଡଳ,ଜଗେଶ୍ୱର ମୁଣ୍ଡାରୀ,ଚନ୍ଦନ ମଣ୍ଡଳ,ଦୀପୁ ମଣ୍ଡଳ,ସୁଜିତ ରଣା,ଭାସ୍କର ମଣ୍ଡଳ,ଗୁନୁ ବେହେରା ପ୍ରମୁଖ ତାଳଗାଁ ଓ କାଣ୍ଡସର ଗାଁ ପରିକ୍ରମା କରିଥିଲେ ।

# ପାଞ୍ଚ ଗ୍ରାମକୁ ବିଜୁଳି ଆଲୁଅ ସ୍ୱପ୍ନ



ଖଜୁରୀପଡ଼ା,୭/୪: ସଞ୍ଜ ନଇଁଲେ ଡିବିରି ଆଲୁଅ ଭରସା। ପିଲାଙ୍କ ପାଠପଢ଼ା ହେଉ କି ସନ୍ଧ୍ୟାରେ ଘରକାମ, କିରାସିନି ବ୍ୟବହାର ହେଉଥିବା ଡିବିରି ଖୋଜା ପଡୁଛି। କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ୍ ବିଲାବାଡ଼ି ପଞ୍ଚାୟତର ୫ ଗାଁଲୋକ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ଦେଖି ନାହାନ୍ତି। ଡୁଡୁଡ଼ା, କିଲୁଗାଁ, ଖଲିସାହି, ବିଶିସାହି, ରୁଗୁଡ଼ି ସାହି ଓ ଡଙ୍ଗିଧର ଗାଁରେ ଶତାଧିକ ପରିବାର ବସବାସ କରୁଛନ୍ତି। ଗ୍ରାମବାସୀ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ। ଦିନବେଳେ ଏକ ପ୍ରକାରେ ଚଳିଯାଉଥିବା ବେଳେ ରାତିହେଲେ ଅନ୍ଧାର କିଟିକିଟି। ଏ ନେଇ ସରପଞ୍ଚ, ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା ସୁଫଳ ମିଳି ନ ଥିବା କହିଛନ୍ତି ଗ୍ରାମବାସୀ। ଏହି ପଞ୍ଚାୟତକୁ ବିକାଶର ଆଲୋକ ଦେଖାଇବା ପାଇଁ ତତ୍କାଳୀନ ସାଂସଦ ପ୍ରତ୍ୟୁଷା ରଜେଶ୍ୱରୀ ସିଂ ଏହାକୁ ପୋଷ୍ୟ ପଞ୍ଚାୟତ ଭାବେ ଗ୍ରହଣ କରିଥିଲେ। ତଥାପି ବିକାଶର ଆଲୋକ ଦେଖିବାରେ ଗ୍ରାମବାସୀ ସଫଳ ହୋଇନାହାନ୍ତି। ଡୁଗୁଡ଼ା ଗାଁରେ ପାଖାପାଖି ୨୨ଟି ପରିବାର ରହୁଥିବା ବେଳେ ଗାଁକୁ ଘେରି ରହିଛି ଘଞ୍ଚଜଙ୍ଗଲ। ସ୍କୁଲ ଦୂର କଥା ଅଙ୍ଗନବାଡ଼ି ନଥିବାରୁ ଛୋଟଛୋଟ ପିଲା ଗାଁଠାରୁ ୫ କିଲୋମିଟର ରାସ୍ତା ଚାଲିଚାଲି ଯାଆନ୍ତି। ଗୋଟିଏ ନଳକୂପ ଅଛି, ତାହା ଅକାମୀ। ସେହିପରି ବ୍ଲକ୍‌ର ସୁଡ଼ରେଜୁ ପଞ୍ଚାୟତର ଗୋଦାବରୀ, ସ୍ରାମ୍ବିପଡ଼ା, ଲଣ୍ଡୁଗୁଡ଼ାରେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଜୁଳି ପହଞ୍ଚି ନଥିବା ଜଣାପଡ଼ିଛି। ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଗ୍ରାମବାସୀ କନ୍ଧମାଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ଦେଇଛନ୍ତି।

## ଓଡ଼ିଆ ପକ୍ଷ ପାଳନର ଷଷ୍ଠ ଦିବସରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ



ଯାଜପୁର,୭/୪: ଓଡ଼ିଶା ଦିବସ ଠାରୁ ଆରମ୍ଭ ହୋଇ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସାରା ରାଜ୍ୟରେ ଉତ୍ସାହ ଓ ଉଦ୍ଦୀପନା ର ସହିତ ପାଳନ ହେଉଛି ଓଡ଼ିଆ ପକ୍ଷ। ଏହି 'ଓଡ଼ିଆ ପକ୍ଷ' କୁ ଆଧାର କରି ଷଷ୍ଠ ଦିବସ ତଥା ତା-୦୬-୦୪-୨୦୨୫- ରିଖ ଯାଜପୁର ଜିଲ୍ଲାସ୍ତରୀୟ ଦେବାଳୟ ଓ ଐତିହ ସ୍ଥଳୀ ଗୁଡ଼ିକର ସାମୂହିକ ସ୍ୱଛତା ଅଭିଯାନ, ଦଶାଶ୍ୱ ମେଧ ଘାଟ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ସକାଳ ୬:୩୦ ଘଟିକା ସମୟରେ ଏବଂ ସକାଳ ୭:୩୦ ସମୟରେ ବିରଜା ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଯାଜପୁର ପୌରପାଳିକା ଓ ଜିଲ୍ଲା ପ୍ରଶାସନ, ଯାଜପୁର ଆନୁକୁଲ୍ୟ ରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଶ୍ରୀମତୀ ପି ଅନ୍ୱେଷା ରେଡ୍ଡୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଉପଜିଲ୍ଲାପାଳ ଏବଂ ଯାଜପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କ ଉପସ୍ଥିତିରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ନେଇ ଏହି ଐତିହ୍ୟ ସ୍ଥଳୀ ଗୁଡିକରେ ସାମୂହିକ ।ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା ।ଓଡ଼ିଆ ଜାତୀୟତା ଏବଂ ଓଡ଼ିଆ ପରମ୍ପରା ବଜାୟ ରଖିବାରେ ଏହି ଐତିହ୍ୟ ସ୍ଥଳୀ ଗୁଡ଼ିକର ଭୂମିକା ଅତୁଳନୀୟ ବୋଲି ଏକ ବାର୍ତ୍ତା ସାଧାରଣ ନାଗରିକ ମାନଙ୍କୁ ଦିଆଯାଇଥିଲା। ଏହି କ୍ରମରେ ଜିଲ୍ଲାବ୍ୟାପୀ ବିଭିନ୍ନ ମନ୍ଦିର ଏବଂ ଧାର୍ମିକ ପୀଠ ଗୁଡ଼ିକରେ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ମାନଙ୍କୁ ନେଇ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା, ଶଙ୍ଖଚିଲା ସ୍ଥିତ ହିଙ୍ଗୁଳା ପୀଠ ଓ କୋରେଇ ବ୍ଲକ ଅନ୍ତର୍ଗତ ବିଭିନ୍ନ ଦେବା ଦେବୀ ସ୍ଥଳରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଯାଇଅଛି।

## ଫୁଲବାଣୀରେ ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା





ଫୁଲବାଣୀ , ୭/୪: କନ୍ଧମାଳ ଜିଲ୍ଲା ସଦର ମହକୁମା ସ୍ଥିତ ଶ୍ରୀରାମ ମନ୍ଦିର ରେ ଆଜି ମହାସମାରୋହରେ ପାଳନ କରାଯାଇଛି । ରାମ ଲାଲାଙ୍କ ପୂଜା ଅର୍ଚନା କରିବା ପରେ ଜଗନ୍ନାଥ ମନ୍ଦିରରୁ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଉମାଚରଣ ମଲିକ ଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ବାହାରି ମେଡିକାଲ ଛକ, କୋର୍ଟ ଛକ, ଗୋପବନ୍ଧୁ ଛକ, ବିଜୁପଟନାୟକ ଦେଇ ସହର ପରିକ୍ରମା କରି ଶ୍ରୀ ଶ୍ରୀ ରାମ ଜିଉଙ୍କ ମନ୍ଦିରରେ ପହଞ୍ଚିଥିଲା, ଆଉ ଶୋଭାଯାତ୍ରା ସମୟରେ ଜୟ ଶଶ୍ରୀରାମ ଧ୍ୱନିରେ ଫୁଲବାଣୀ ସହର ପ୍ରାକମ୍ପିତ ହୋଇଥିଥିଲା, ଏହି ବାଇକ ଶୋଭାଯାତ୍ରା ରେ ବିଧାୟକ ଶ୍ରୀ ମଲିକ ମଧ୍ୟ ନିଜକୁ ସାମିଲ କରିଥିବାର ଦେଖିବାକୁ ମିଳିଥିଲା । ଆଜିର ଶୋଭାଯାତ୍ରା ରେ ଆର ଏସ ଏସ, ବଜରଙ୍ଗ ଦଳର ସଦସ୍ୟ ମାନଙ୍କ ସହିତ ଆଧାତ୍ମିକ ବାଦୀ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିଥିଲେ । ଶୋଭାଯାତ୍ରା ରାମ ମନ୍ଦିରରେ ପହଂଚିବା ପରେ ଜିଉଙ୍କ୍‌ୱିଧି ବିଧାନ, ରୀତିନୀତି ଅନୁଯାଇ ପୂଜା ଅର୍ଚନା କରାଯିବା ପରେ ସନ୍ଧ୍ୟା ଆଳତି କରାଯାଇଥିଲା ଓ ଶ୍ରୀ ରାମ ଲାଲାଙ୍କ ସନ୍ଧ୍ୟା ଆଳତି ରେ ସହରର ବହୁ ଶ୍ରାଦ୍ଧାଳୁ ନିଜକୁ ସାମିଲ କରି ରାମ ଲାଲଙ୍କର ଆଶୀର୍ବାଦ ଲାଭ କରିଥିବା ଦେଖିବାକୁ ମିଳିଥିଲା ଆଳତି ସମୟରେ ଶ୍ରଦ୍ଧାଳୁ ମାନେ ଭକ୍ତି ର ସହିତ ଖୁସି ବ୍ୟକ୍ତ କରିଥିଲେ ।

## ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବୀର

### ଶିବୀର ସକାଳୁଆ ହୋଇଥିବାରୁ ଅଭିଯୋଗ ସଂଖ୍ୟା ହ୍ରାସ

ଜଗତସିଂହପୁର ତା ୭/୪(ନୀପ୍ର )ପ୍ରତି୨/୩ମାସ ବ୍ୟବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ରେ ଜନସୁଣାଣି କରାଯାଇ ଅଞ୍ଚଳର ସାଧାରଣ ଲୋକ ମାନଙ୍କର ଆପତ୍ତି ଅଭିଯୋଗ ଗୁଡ଼ିକୁ ସମାଧାନ କରିବାପାଇଁ ସରକାର ଙ୍କ ନିର୍ଦ୍ଦେଶ ରହିଛି। ହେଲେ ବେଳେବେଳେ ପ୍ରଚାର ପ୍ରସାର ଅଭାବରୁ ଏହି ସୁବିଧାରୁ ଲୋକମାନେ ବଞ୍ଚିତ ହୋଇଥାନ୍ତି। ଏହି ପରିପେକ୍ଷୀରେ ସୋମବାର ପ୍ରଶାସନ ପକ୍ଷରୁ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟର ଜ୍ୟୋତିମହାସଂଘ ଗ ?ହରେ ଯୁଗ୍ମ ଜନଅଭିଯୋଗ ସୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ କରି ପ୍ରଶାସନ ଏହାକୁ ସକାଳ ୭ଟାରୁ ୧୦ ଟା ସମୟ ଶେଷ କରିଥିଲା। ସକାଳୁଆ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଥିବାରୁ ଅଞ୍ଚଳରେ ଅନେକ ଲୋକ ଜାଣିନପାରି ୧୦/୧୧ଟାରେ ପହଞ୍ଚି ନିରାଶ ହୋଇ ଫେରୁଥିବାର ଦେଖିବାକୁ ମିଳିଥିଲା ।ଏଥି ପାଇଁ ଜନସୁଣାଣି ରେ ଅଭିଯୋଗ ସଂଖ୍ୟା ହ୍ରାସପାଇ ମାତ୍ର ୫୮ଟି ଦାଖଲ ହୋଇଥିଲା। ଏହି ଅଭିଯୋଗ ଶିବିର ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଘାତା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜ୍ୟୋତିଶଙ୍କର ରାୟ, ଜିଲ୍ଲାପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ବିଡିଓ ବିରଞ୍ଚି ନାରାୟଣ ବେହେରା,ଜିଲ୍ଲା ସ୍ତରୀୟ ଅଧିକାରୀ କ୍ଷତ୍ରିୟ ଅଧିକାରୀ ମାନେ ଉପସ୍ଥିତ ରହି ଲୋକ





ମାନଙ୍କର ଅଭିଯୋଗ ସୁଣାଣି କରିଥିଲେ। ଏଥିରେ ଦିବ୍ୟାଙ୍ଗ ମାନଙ୍କ ସାଟିଫିକେଟ ସମ୍ପର୍କୀୟ, ଅନ୍ତଦ୍ୱୟ ଗ ?ହ ଯୋଜନ,ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା,ଭତ୍ତା, ରାସ୍ତା, ସରକାରୀ ଜମି ଜବର ଦଖଲ ଉଚ୍ଛେଦ, ପାନୀୟ ଜଳ ସମ୍ପର୍କିତ ଅଭଯୋଗ ସୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବୀରରେ ଚିକିଣିଆ ଏସ କେ ଗୁଲାମ ମୁସ୍ତାଫା ଙ୍କ ୮୦% ଭିନ୍ନକ୍ଷମ ପ୍ରମାଣ ପତ୍ର ,ରେଢୁଆ ଗନ୍ଧାପୁରର ମହେନ୍ଦ୍ର ଗୋଛାୟତ ଙ୍କ ୭୫% ଓ ଚିକିଣିଆ କଳାଧାରୀ ଗ୍ରାମର ବିଭୂତି ନାୟକଙ୍କ ର ୬୦% ଭିନ୍ନକ୍ଷମ ପ୍ରମାଣ ପତ୍ର ଥିଲେବି ସେମାନେ ଅନ୍ତଦ୍ୱୟ ଆବାସଯୋଜନାରୁ ବାଦପଡିଥିବାକୁ ନେଇ ଅଭିଯୋ ହୋଇଥିଲା। ସେହି ପରି ତରିକୁନ୍ଦ ଗ୍ରାମର ବିଜୟ କୁମାର ରାଉତ ପକ୍ଷଘାତରେ ଅପଙ୍ଗ ହୋଇଥିଲେବି ତାଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ରମିଳୁନାହିଁ। ବିଦ୍ୟାଧରପୁର ସରପଞ୍ଚ ପ୍ରତିନିଧି ରହିମ ଖାଁ ଏନମ୍ ସେଣ୍ଟର ଟେଣ୍ଡର ହୋଇଥିଲେମଧ୍ୟ ୪ମାସ ହେବ କାର୍ଯ୍ୟହେଉନଥିବା ଓଡ୍ରେନେଜ ସମସ୍ୟା ଉପରେ ଏବଂ ତଥାଁରା ସରପଞ୍ଚ ବଟକଷ୍ଣ ନାୟକ୭ନଂ କେନାଲ ବନ୍ଧ ଗନେଇଲୋଲ ଠାରୁ ତଥାଁରା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହେବା ସମ୍ପର୍କରେ ଅଭିଯୋଗ କରିଥିଲେ। ଧରାଧରପୁର କୁତାମଚଣ୍ଡି ନିକଟରେ ୨୮ଗୋଟି ଆଦିବାସୀ ପରିବାର ଭୂମିହୀନ ସରକାରୀ ଯାଗାରେ ବସବାସ କରୁଥିଲେବି ତାଙ୍କୁ ସ୍ଥାୟୀ ପଟ୍ଟା ମିଳିନଥି ଅଭିଯୋଗ ହୋଇଥିଲା ।ଏହି ଶିବୀରକୁ ବ୍ଲକ ଅତିରିକ୍ତ ବିଡିଓ ଜ୍ଞାନନ୍ଦା ନାୟକ ଓ ବ୍ଲକ କର୍ମଚାରୀ ମାନଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା।


## ଜୟ ଶ୍ରୀ ରାମସେନା ପକ୍ଷରୁ ରାମନବମୀ ବିରାଟ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣଭାବେ ଅନୁଷ୍ଠିତ


ଜଗତସିଂହପୁର ତା ୭/୪(ନୀପ୍ର) ପବିତ୍ର ରାମନବମୀ ଉପଲକ୍ଷେ ରଘୁନାଥପୁର ଶ୍ରୀ ରାମ ସେନା ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି ।ପ୍ରଚଣ୍ଡ ରୌଦ୍ରତାପକୁ ଖାତିର ନକରି ରାମଭକ୍ତ ମାନେ ନିଷ୍ଠାର ସହିତ ଏହି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ଦିର୍ଘ୩ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଶୋଭାଯାତ୍ରାକୁ ସଫଳ କରିବା ସହ ସନାତନୀ ଭାଇ ମାନଙ୍କୁ ଏକଜୁଟ କରିବା ଏହି ଶୋଭା ଯାତ୍ରାର ପ୍ରମୁଖ ଲକ୍ଷ୍ୟ ରହିଛି ।ପୂର୍ବାହ୍ନରେ ରାମଭକ୍ତମାନେ ସ୍ଥାନୀୟ ରୁଦ୍ରେଶ୍ୱର ମହାଦେବ ମନ୍ଦିରରୁ ଏକ ବିରାଟପଟୁଆରରେ ବାହାରି ଅଯୋଧ୍ୟା ପୁର ହନୁମାନ ମନ୍ଦିର ରଘୁନାଥ ପୁର ନାରାୟଣୀ ଛକ ଦେଇ ରଘୁନାଥ ପୁର ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବାସହ ସେଠାରୁ ହଂଶୁଆ , ପଣ୍ଡା ଛକ , ଅଢେଇକୁଳ , ସନକୋରକୋର କର୍ ଗୁଆଳିପୁର,ବର୍ତ୍ତି,ରାଧାନଗର ,ନାଉଲିଆ ,ଓଡ଼ପଡ଼ା,ଗୋପାଳପୁର , ଭାସିଲ ପୁର , ଧରାଧରପୁର ଆଦି ଗ୍ରାମକୁ ଏହି ଶୋଭାଯାତ୍ରା ପରିକ୍ରମା କରି ମଧ୍ୟାହ୍ନରେ ମହାବୀର ସାହି ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପ୍ରସାଦ ସେବନ କରିଥିଲେ ଭକ୍ତମାନେ। ବିଭିନ୍ନ ସ୍ଥାନରେ ଶୋଭାଯାତ୍ରାକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବାସହ ଥଣ୍ଡା ପାଣି ଓ ଦହି ସର୍ବତ ଭକ୍ତ ମାନଙ୍କୁ ସେଚ୍ଛାକତ ଭାବେ ଯୋଗାଇ ଦିଆଯାଇଥିଲା ।ଏହି କାଯ୍ୟକ୍ରମକୁ ଶାନ୍ତିସଙ୍ଖଳା ଭାବେ ଶେଷ କରିବାପାଇଁ ରଘୁନାଥପୁର ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଫୁଲବାଣୀରେ ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ









ଫୁଲବାଣୀ , ୭/୪: ଓଡ଼ିଶା ଦିବସଠାରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପାଳନ ହେଉଥିବା ଓଡିଆ ପକ୍ଷର ଷଷ୍ଠ ଦିବସରେ ଆଜି ଫୁଲବାଣୀ ସହରରେ ଥିବା ଦେବାଳୟ ଓ ଐତିହ୍ୟ ପୂର୍ଣ୍ଣ ସ୍ଥଳୀ ଗୁଡିକର ସଫା ସୁତୁରା କରାଯିବା ସହିତ ସ୍ୱଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱଛତା କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ଓ ଉପ-ଜିଲ୍ଲାପାଳ ଶ୍ରୀ ଭିକାରୀ ସାହୁଙ୍କ ନେତୃତ୍ୱରେ "ପୂଣ୍ୟ ଜନ୍ମଭୂମି ପୂଣ୍ୟ ଦେବାଳୟ ଦେବା ନାହିଁ ତାକୁ ହେବାକୁ କ୍ଷୟ" ର ବାର୍ତ୍ତା ନେଇ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ଓ ମଧୁ ଉଦ୍ୟାନ ପରିସରକୁ ସଫେଇ କରାଯାଇଥିଲା । ଏହି ସଫେଇ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଫୁଲବାଣୀ ଶ୍ରୀ ସୌମ୍ୟରଞ୍ଜନ ପାତ୍ର, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟର କର୍ମକର୍ତ୍ତା, ସରକାରୀ କର୍ମଚାରୀ, ପୌର ପରିଷଦ, ଫୁଲବାଣୀର କର୍ମଚାରୀ ଓ ସଫେଇ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

## ବାଲି ଚୋରିରେ ଲାଗୁନି ଅଙ୍କୁଶ

### ଖରାବେଳେ, ବିଳମ୍ବିତ ରାତିରେ ହେଉଛି ଚାଲାଣ



ରାଉରକେଲା,୭/୪: ସରକାରଙ୍କ ତାଗିଦ ପରେ ସୁନ୍ଦରଗଡ଼ ଜିଲ୍ଲାରେ ବାଲିଚୋରି ରୋକିବାକୁ ଗଠନ ହେଲା ଉପଖଣ୍ଡସ୍ତରୀୟ ପ୍ରବର୍ତ୍ତନ ଦଳ (ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍)। ବେଶ୍ କିଛି ଦିନ ଜୋରଦାର ଚଢ଼ଉ କରାଗଲା। ସରକାର ନିୟମ କଡ଼ାକଡ଼ି କରିବା ପରେ ଲିଜ୍‌ଧାରୀ ବାଲି ଉତ୍ତୋଳନ ବନ୍ଦ କରି ଦେଇଛନ୍ତି। ଜରିମାନା ଭୟରେ ଗାଡ଼ି ମାଲିକମାନେ ବାଲି ପରିବହନ କରୁନାହାନ୍ତି। ଏହାର ଭରପୂର ଫାଇଦା ଉଠାଉଛନ୍ତି ସହର ଓ ଏହାର ଆଖପାଖର କିଛି ଚୋରା ବାଲିମାଫିଆ। ଖରାବେଳେ ଓ ବିଳମ୍ବିତ ରାତିରେ ଅଧିକାଂଶ ବାଲିଘାଟରୁ ବାଲି ଚୋରାଚାଲାଣ ହେଉଛି। ଟ୍ରାକ୍ଟର ଓ ଟିପରରେ ବାଲି ବୋଝେଇ ହୋଇ ଗଳାବାଟରେ ଥାନା ସମ୍ମୁଖ ଦେଇ ଯାଉଥିଲେ ହେଁ ସେମାନଙ୍କୁ ଧରାଯାଉନାହିଁ। ରାତିରେ ଗଳି ଓ ମୁଖ୍ୟ ରାସ୍ତାରେ ଚକ୍କର ମାରୁଥିବା ପିସିଆର ମଧ୍ୟ ବାଲି ଟ୍ରାକ୍ଟର ଓ ଟିପରଗୁଡ଼ିକୁ ଦେଖି ନ ଦେଖିଲା ପରି ହେଉଛନ୍ତି। ଚୋରା ବାଲିମାଫିଆ କିଛି ତଳିଆ ପୁଲିସ କର୍ମଚାରୀଙ୍କ ସହ ଭିତିରି ସଲାସୁତୁରା କରି ଏଭଳି ବେଧଡ଼କ ଚାଲାଣ କରୁଛନ୍ତି। ବାଲିଘାଟ ଅଧୀନରେ ଥିବା ଥାନାକୁ ଟ୍ରାକ୍ଟର ପିଛା ୨ ହଜାର ଓ ଟିପର ପିଛା ୪ରୁ ୫ ହଜାର ଟଙ୍କା ଦେଉଥିବା ଅଭିଯୋଗ ହେଉଛି। ଠିକଣା ଜାଗାରେ ବାଲି ପହଞ୍ଚିବା ପର୍ଯ୍ୟନ୍ତ ସେମାନେ ଗାଡ଼ିଗୁଡ଼ିକୁ ସୁରକ୍ଷା ଦେଉଛନ୍ତି। ଫଳରେ ଚୋରା ବାଲିମାଫିଆମାନେ ଦୈନିକ ଲକ୍ଷଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ପ୍ରବର୍ତ୍ତନ ଦଳ ଏମାନଙ୍କ ଟେର ନ ପାଇବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତରକେରା, ଝିରପାଣି, ପାନପୋଷ, ଲୁଆକେରା ସମେତ ଅନ୍ୟ କିଛି ବାଲିଘାଟରୁ ଦୈନିକ ଶହଶହ ଟିପର ଓ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ହେଉଛି। ବାଲି, ଚିପ୍‌ସ, ଇଟା, ସିମେଣ୍ଟ ବ୍ୟବସାୟରେ ଥିବା ବେପାରୀଙ୍କ ପାଖରେ ପ୍ରଥମେ ବାଲି ଗଦା ହେଉଛି। ଆଉ କିଛି ବାଲି ସରକାରଙ୍କ ବଡ଼ବଡ଼ ପ୍ରକଳ୍ପ ଚାଲିଥିବା କାମରେ ବ୍ୟବହାର ହେଉଛି। ବେପାରୀ ପାଖରେ ଗଦା ହେଉଥିବା ବାଲି ଟ୍ରାକ୍ଟର ପିଛା ୬ରୁ ୭ ହଜାର ଓ ଡମ୍ଫର ପିଛା ୧୫ରୁ ୨୦ ହଜାର ଟଙ୍କାରେ ବିକ୍ରି ହେଉଛି। କିଛି ବିକଳ୍ପ ନଥିବାରୁ ଘର ତିଆରି କରୁଥିବା ଲୋକମାନେ ବାଧ ହୋଇ ଚଢ଼ାଦରରେ ବାଲି କିଣୁଛନ୍ତି। ବାଲି ଅଭାବରୁ ଅନେକ ସରକାରୀ ପ୍ରକଳ୍ପ ବି ଆଗେଇ ପାରୁନି। ସରକାର ବାଲି ଚୋରି ରୋକିବାକୁ ଜିଲ୍ଲା ଓ ପୁଲିସ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍କୁଲ ପିଲାଙ୍କୁ ବର୍ଣ୍ଣବୋଧ ବଣ୍ଟନ କଲେ. ଜିଲ୍ଲାପାଳ

ଭବାନୀପାଟଣା: ତା ୭/୪/୨୫(ଜଗନ୍ନାଥ ଏକ୍ସପ୍ରେସ୍)ଓଡ଼ିଆ ପକ୍ଷ ଏପ୍ରିଲ ପହିଲାରୁ ଆରମ୍ଭ ହୋଇ ୧୪ଏପ୍ରିଲ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧମରେ ପାଳନ କରାଯିବ। କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଆଜି ଏହି ଅବସରରେ ସ୍କୁଲ ପିଲାଙ୍କୁ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି। ସଦରମହକୁମା ଭବାନୀ ପାଟଣା ସ୍ଥିତ ପୁରୁଣାପଡକ୍ଷ ।ଟାଉନ ଉଚ୍ଚବିଦ୍ୟାଳୟ, ପରଦେଶୀ ପଡା ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ବର୍ଣ୍ଣବୋଧ ବଣ୍ଟନ କରି ପିଲାମାନେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ ।ଏଥିରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରଓ୍ୱାନ,ଉପ ଜିଲ୍ଲାପାଳ ଭବାନୀ ପାଟଣା, ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପଶିଙ୍ଗ ରାଉତ, ପ୍ରୋଗ୍ରାମ ଅଫିସର ଅଂଶୁମାନ ବାବୁ, ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ପ୍ରମୁଖ ଯୋଗଦେଇ ଥିଲେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତା କାଲି ୮ ଏପ୍ରିଲ ପୂର୍ବାହ୍ନ ୯ ଘଟିକା ରେ ରେଡ଼କ୍ରସ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରକ୍ତଦାନ ଶିବିର ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ର ସଫଳ ଆୟୋଜନ ରେ ପୂର୍ଣ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଅଛି ।



## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରେ ସୁରକ୍ଷିତ ପ୍ରସୂତି ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ

ଭବାନୀପାଟଣା ୭/୪(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସର ରେ ଏସବିଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନ ତରଫରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ରେ ସୁରକ୍ଷିତ ସ୍ୱାସ୍ଥ୍ୟ ଏବଂ ଆଶାନୁରୂପ ଭବିଷ୍ୟତ ପ୍ରସୂତି କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଏ ଡି ଏମ ଓ ମେଡିକାଲ ଡାକ୍ତାର ରଞ୍ଜନ ମିତ୍ର ଦ୍ୱାରା ଶୁଭାରମ୍ଭ ହେଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ପ୍ରୋଗ୍ରାମ ମେନେଜର ଭିବାନୀ ଶଙ୍କର ସାହୁ ହସ୍ପିଟାଲ ମେନେଜର ସୁଭାଶିଷ ନାୟକ ,ଜିଲ୍ଲା ଟିକା ମେନେଜର ଲୋକନାଥ ବେହେରା ଡାଟା ମେନେଜର ଚନ୍ଦନ କୁମାର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମ ବିଷୟରେ ମତାମତ ରଖିଥିଲେ। ସ୍ତ୍ରୀରୋଗ ଆଶିସଟେଣ୍ଟ ପ୍ରଫେସର ଡ଼ା ଶୁଭଲକ୍ଷ୍ମୀ ମହାପାତ୍ର ଏବଂ ନର୍ସିଂ ଅଫିସର୍ କନକ ଲତା ସେଠୀ , ଆର କେ ପଣ୍ଡା ପ୍ରସୂତି ମା ମାନଙ୍କୁ ପୁଷ୍ଟିକର ଖାଦ୍ୟ ଆଉ ଜୀବନ ଶୈଳୀ ବାବଦରେ ଆଲେକପାତ ହରାଇଥିଲେ ।ଏହି କାର୍ଯ୍ୟକ୍ରମରେ ଆନୁନ୍ୟ ୧୦୬ ଜଣ ପ୍ରସୂତି ମାଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା। ରାମକି ଫାଉଣ୍ଡେସନ ର ଡାକ୍ତର ବିମଳ ଚରଣ ଷଡଙ୍ଗୀ ଭେଷଜ ବିତରକ ଜ୍ୟୋଷ୍ଣାମୟୀ ବେହେରା ଷ୍ଟାଫ ନର୍ସ ପଙ୍କଜିନି ରଣା ଏଲ ଟି ନିତୁ ନାୟକ ପାଇଲଟ ନିରଂଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ଉପସ୍ଥିତି ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏଥି ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ହସ୍ପିଟାଲ ମ୍ୟାନେଜର ଏସ ବି ଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନ କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋର ଜବରଧସ୍ତି ଘରେପଶି ଚାନ୍ଦାଜୁଲମ

### ପ୍ରତିବାଦ କରିବାରୁ କାଠଫାଳିଆରେ ପରିବାର ଲୋକଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

ଜଗତସିଂହପୁର ତା ୭/୪(ନୀପ୍ର)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧିନ ତାରପୁରପଞ୍ଚାୟତର ସରୋଜ କୁମାର ସିଂହ ଙ୍କ ଘରେ ସେହି ଗ୍ରାମର ବାପିସାହୁ, ବିକ୍ରମ ସିଂହ,ରାହସଅ ସାହୁ,ସୌମ୍ୟ ରଂଜନ ସିଂହ, ନାଣ୍ଟୁ ସାହୁ, ବାଦଲ ସାହୁ, ବାସୁଦେବ ସାହୁ, ଗୁଲୁ ସିଂହ, କାବୁନା ସିଂହ, ସଞ୍ଜୁଆ ଦାସ,ଶରତ ସାହୁ,କେଦାର ସାହୁ, ଆଲୁଆ ସାହୁ, ମନିଆ ସିଂହ ପ୍ରାୟ ୧୪ଜଣ ବ୍ୟକ୍ତି ଗତ୪ ତାରିଖ ଦିନ ରାତି୧୦/୩୦ ସମୟରେ ପଶି ଗ୍ରାମରେ ଚାଲୁଥିବା ଜଜ୍ଞ ପାଇଁ ୨୦ହଜାର ଟଙ୍କା ଚାନ୍ଦାଜୁଲମ କରିଥିଲେ ।ମୁ ଗରିବ ଲୋକ ଏତେଟଙ୍କା କେଉଁଠୁ ଆଣିବୁ କହିବା ମାତ୍ରେ ଏଥିରେ ଉତକ୍ଷିପ୍ତ ହୋଇ ଉକ୍ତ ବ୍ୟକ୍ତିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାବାସହିତ ସରୋଜ ଓ ତାକ୍ତ ପରିବାରକୁ କାଠଫାଳିଆ ଓ ରଡ ସାହାଯ୍ୟରେ ମାଡମାରି ରକ୍ତାକ୍ତ କରିବାପରେ ଥାନାକୁ ଗଲେ ପେଟ୍ରୋଲ ପକାଇ ନିଆଁଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇ ସରୋଜଙ୍କ ସ୍ତ୍ରୀ ବେକରେ ପିନ୍ଧିଥିବା ୨୨ଗ୍ରିମର ଏକ ସୁନଚେନ ଓ ଗାଡିକିସ୍ତି ପାଇଁ ଘରେଥିବା ୫ହଜାର ଟଙ୍କା ନେଇପଳାଇଥିଲେ। ସରୋଜ ଙ୍କ ମୁଣ୍ଡଫାଟିବା ସହ ତାଙ୍କ ଛାତିରେ ଜନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକେ ତୁରନ୍ତ ରଘୁନାଥପୁର ମେଡିକାଲକୁ ଆଣିଥିଲେ। ସେଠାରେ ଅବସ୍ଥାଗୁରୁତର ହେବାରୁ ଡାକ୍ତର କଟକ ବଡମେଡିକାଲକୁ ପଠାଇଦେଇଥିଲେ। ଏ ସମ୍ପର୍କରେ ୫ତାରିଖ ଦିନ ସରୋଜଙ୍କ ପତ୍ନୀ ବନ୍ଦିତା ସିଂହ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିବାର ଜଣାଯାଇଛି ।ଅଭିଯୋଗପାଇ ରଘୁନାଥପୁର ପୋଲିସ ୬୫/୨୫ରେ କେସ୍ ରୁଜକରା ଅଧିକ ତଦନ୍ତ ଜାରିରଖିଛି। ଅପରେ ପକ୍ଷରେ ମାଡମାରିଥିବା ବ୍ୟକ୍ତି ମାନଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ହୋଇଥିବା ଜଣାପଡିଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda    Mananging Editor- Sarangdhar Senapati    ସଂପାଦକ- ବଳରାମ ପ୍ରସାଦ ନନ୍ଦ